# ସମ୍ବଲପୁରବାସୀ ସାଂସଦ ଓ ବିଧାୟକଙ୍କୁ ପ୍ରତ୍ୟକ୍ଷ ଭାବେ ଭେଟିପାରିବେ

**ସମ୍ବଲପୁର,୧୪।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ସମ୍ବଲପୁର ପାଇଁ ଏଥର ସୁବର୍ଣ୍ଣ ସୁଯୋଗ। କାରଣ ରାଜ୍ୟ ରାଜନୀତିର ଦୁଇଜଣ ହେଭିୱେଟ ନେତା ଏକା ମଇଦାନରେ। ରାଜନୀତିର ଚାଣକ୍ୟ କୁହାଯାଉଥିବା ପ୍ରସନ୍ନ ଆଚାର୍ଯ୍ୟ ସମ୍ବଲପୁର ବିଧାନସଭା ଆସନରୁ ନିର୍ବାଚନ ଲଢିବାକୁ ଯାଉଥିବା ବେଳେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ମୁଖ୍ୟମନ୍ତ୍ରୀଙ୍କ ଘନିଷ୍ଠ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଲୋକସଭା ଆସନରୁ ଲଢିବାକୁ ଦଳ ନିଷ୍ପତ୍ତି ନେଇଛି। ଏଭଳି ଦୁଇ ଦକ୍ଷନେତାଙ୍କ ଉପସ୍ଥିତି ଆଗାମୀ ଦିନରେ ସମ୍ବଲପୁରବାସୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ। ସମ୍ବଲପୁର ଜିଲ୍ଲା ମୁଖ୍ୟମନ୍ତ୍ରୀଙ୍କ ଫୋକସରେ ରହିବ। ବିଗତ ନିର୍ବାଚନରେ ଲୋକେ ଯେଉଁ ନେତାଙ୍କୁ ଭରସା କରି ନିଜର ବହୁମୂଲ୍ୟ ଭୋଟ ଦେଲେ, ସେ ନେତା ନିର୍ବାଚିତ ହେବା ପରେ କୁଆଡେ ଉଭାନ ହୋଇଗଲେ। ଲୋକଙ୍କ ସମସ୍ୟା ଶୁଣି ସମାଧାନ କରିବା ଦୂରେ ଥାଉ କେହି ତାଙ୍କୁ ଭେଟିପାରିଲେ ନାହିଁ। ଯାହାକୁ ନେଇ ସମ୍ବଲପୁରର ଜନସାଧାରଣଙ୍କ ମନରେ ଅସନ୍ତୋଷର ନିଆଁ ଏବେବି ଜଳୁଛି। ତେବେ ନିକଟବର୍ତ୍ତୀ ସାଧାରଣ ନିର୍ବାଚନରେ ସେମାନଙ୍କ ଉଚିତ ଜବାବ ମିଳିବ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ପ୍ରଣବ - ପ୍ରସନ୍ନଙ୍କ ଯୋଡିରୁ ସାଧାରଣ ଜନତା କଣ ଆଶା ରଖିଛନ୍ତି। ସମ୍ବଲପୁରର ବିକାଶ ପାଇଁ ସେମାନେ କଣ କରିପାରିବେ, ଏହାକୁ ନେଇ ସମ୍ବଲପୁରବାସୀଙ୍କ ଅନେକ ଆଶା ଓ ଆକାଂକ୍ଷା ରହିଛି।

- ଦକ୍ଷ ନେତାଙ୍କ ହାତରେ ସମ୍ବଲପୁର ଭବିଷ୍ୟତ
- ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡା କ୍ଷେତ୍ରରେ ଆସିବ ଯୁଗାନ୍ତକାରୀ ପରିବର୍ତ୍ତନ
- ପାଞ୍ଚ ବର୍ଷ ସରିଲା, ଦେଖା ଦେଲେନି ବିଜେପିର ଦୁଇ ନିର୍ବାଚିତ ନେତା
- ସମ୍ବଲପୁର ପାଇଁ ଆର୍ଶୀବାଦ ସାବ୍ୟସ୍ତ ହେବେ ପ୍ରଣବ ପ୍ରକାଶ

## ସେମାନେ ଯାହା କୁହନ୍ତି

ସମ୍ବଲପୁରର ବିକାଶ ପାଇଁ ବହୁତ କିଛି କାମ ହେବା ବାକି ରହିଛି। ମହାନଗରରେ ନାଳି, ଗଳି, ରୋଡ, ଲାଇଟ ଅବସ୍ଥା ଖରାପ। ନିର୍ବାଚିତ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ଅଫିସର ପର୍ଯ୍ୟନ୍ତ ସମସ୍ତେ ଅଭିଯୋଗ ଶୁଣିବାକୁ ନାରାଜ। ଅଭିଯୋଗପତ୍ର ମାସମାସ ଧରି ପଡ଼ି ରହୁଛି। ଆମର ଆଶା ଅଛି ଯେ ଲୋକସଭା ଓ ବିଧାନସଭା ଆସନରେ ପ୍ରଣବ-ପ୍ରସନ୍ନଙ୍କ ଯୋଡି ବିଜୟ ଲାଭ କଲେ ପଡ଼ି ରହିଥିବା ସମସ୍ତ କାମ ତ୍ୱରାନ୍ୱିତ ହେବ। ସମ୍ବଲପୁର ମହାନଗର ଓ ଜିଲ୍ଲାରେ ବିକାଶର ଧାରା ଆଗେଇ ଚାଲିବ।

**- ଏମଡି ସନାଭଲ୍ଲା, ସମ୍ବଲପୁର ବାସିନ୍ଦା**

ଜଣେ ବରିଷ୍ଠ ତଥା ଦକ୍ଷ ନେତା ଭାବରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ନାଁ ରହିଛି। ବରଗଡ଼ ସମ୍ବଲପୁରରେ ସେ ଅନେକ ଥର ଲୋକଙ୍କ ଭରସା ଜିତି ବିଜୟ ମୁକୁଟ ପିନ୍ଧିଛନ୍ତି। ପ୍ରଣବ- ପ୍ରସନ୍ନଙ୍କ ବିରୋଧରେ ଯେଉଁମାନେ ଛିଡା ହେଉଛନ୍ତି ସେମାନେ ବିଗତ ସମୟରେ କଣ କାମ କରିଛନ୍ତି ତାହା ଜନତା ଚିନ୍ତା କରିବା କଥା। ପ୍ରଣବ ପ୍ରକାଶ ଦାସଙ୍କ ସମ୍ବଲପୁର ସହିତ ପୂର୍ବରୁ ସମ୍ପର୍କ ରହିଛି। ତାଙ୍କର ବାପା ସମ୍ବଲପୁରରେ ରହୁଥିଲେ। ଯାଜପୁରରେ ତାଙ୍କର ଲୋକପ୍ରିୟତା ଚରମସୀମାରେ। ତଥାପି ସେ ସମ୍ବଲପୁରର ଉନ୍ନତି ପାଇଁ ଏଠାରୁ ଲଢିବାକୁ ଦଳର ନିଷ୍ପତ୍ତିକୁ ଗ୍ରହଣ କରିଛନ୍ତି। ସେ ସମ୍ବଲପୁରବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବେ ବୋଲି ମୋର ଆଶା।

**-ମମତା ମହାନ୍ତି, ଗୃହିଣୀ**

ମୁଁ ଶୁଣିଛି ଯେ ଯୁବବର୍ଗଙ୍କୁ ପ୍ରଣବ ପ୍ରକାଶ ଦାସ ବେଶୀ ପସନ୍ଦ କରନ୍ତି। ତେଣୁକରି ମୋର ଆଶା ସମ୍ବଲପୁରରୁ ସେ ନିର୍ବାଚିତ ହେଲେ ସେ ଯୁବକଯୁବତୀ ଓ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକତା ଦେବେ। ତାଙ୍କୁ ନେଇ ଯୁବବର୍ଗଙ୍କ ଅନେକ ଆଶା ରହିଛି। ସମ୍ବଲପୁରରେ ଶିକ୍ଷାର ପ୍ରାଣକେନ୍ଦ୍ର ହେଉଛି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ। କିନ୍ତୁ ସେଠାରେ ଛାତ୍ରଛାତ୍ରୀଙ୍କ ଅନେକ ଅସୁବିଧା ରହିଛି। ଖେଳିବା ପାଇଁ ଖେଳପଡ଼ିଆ ନାହିଁ। ହଷ୍ଟେଲ ସୁବିଧା ଭଲ ନାହିଁ। ଶିକ୍ଷା କ୍ଷେତ୍ରରେ ଉନ୍ନତିକୁ ସେ ପ୍ରାଧାନ୍ୟ ଦେବେ ବୋଲି ମୋର ଆଶା।

**-ଶୁଭମ ମହାନ୍ତି, ଛାତ୍ର**

ପ୍ରଣବ ପ୍ରକାଶ ଦାସ ହେଉଛନ୍ତି ରାଜ୍ୟର ହେଭିୱେଟ ନେତା। ସେ କିଛି ଭାବି ସମ୍ବଲପୁରକୁ ଆସିଛନ୍ତି। ତାଙ୍କର ଆଗମନ ସମ୍ବଲପୁର ପାଇଁ ନିଶ୍ଚୟ ଶୁଭଙ୍କର ହେବ। ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ସମ୍ବଲପୁର ବିକାଶ ଧାରାରେ ଆଗେଇ ଯିବ।

**-ମଞ୍ଜୁ ଓରାମ, ଗୃହିଣୀ**

ସମ୍ବଲପୁରରେ ଏକ ଏସଟିପିଆଇ ସ୍ଥାପନ ଏଠାକାର ଯୁବକ ଯୁବତୀଙ୍କ ପାଇଁ ପ୍ରମୁଖ ଆବଶ୍ୟକତା ଅଟେ। ପ୍ରଣବ ପ୍ରକାଶ ଦାସ ଯୁବବର୍ଗଙ୍କ ଏହି ଆଶା ପୂରଣ କରିବେ ବୋଲି ମୋର ଆଶା। ଏହା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡାକ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ କରିବା ସହିତ ସମ୍ବଲପୁରବାସୀ ଉନ୍ନତ ସେବା ପାଇବେ ବୋଲି ଆଶା କରେ।

**-ଏମ୍‌ଡି ପରବେଜ ଅଲ୍ଲୀ ଖାନ୍**

ଧାନର ଏମଏସ୍‌ପି ବୃଦ୍ଧିକୁ ପ୍ରାଥମିକତା ଦିଆଯିବ ବୋଲି ମୁଁ ଆଶା କରିବି। ସମ୍ବଲପୁର ଜିଲ୍ଲାର ଚାଷୀଙ୍କ ମୁଖ୍ୟ ସମସ୍ୟା ହେଉଛି ତାଙ୍କ ଉତ୍ପାଦିତ ଫସଲ ବିକ୍ରି ପାଇଁ ବଜାର ମିଳୁନି। ପଢ଼ିଆବାହାଲ ଠାରେ ରାଜ୍ୟର ତୃତୀୟ ମାର୍କେଟ ଟର୍ମିନାଲ ନିର୍ମାଣ କରିବାକୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ତାହାର କାମ ଆରମ୍ଭ ହୋଇନି। ପ୍ରଣବ ପ୍ରକାଶ ଦାସଙ୍କ ଠାରୁ ସମ୍ବଲପୁରର ଚାଷୀମାନେ ଏହା ଚାହୁଁଛନ୍ତି। ଏହା ସହିତ କୃଷିକ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାରକୁ ପ୍ରୋତ୍ସାହନ ଓ ଚାଷୀଙ୍କୁ ସମ୍ମାନ ହିଁ ଆମର ଆଶା।

**-ଦିବ୍ୟରାଜ ବରିହା, ଯୁବଚାଷୀ**

ବିଗତ ନିର୍ବାଚନରେ ଯେଉଁ ଏମପି ନିର୍ବାଚିତ ହୋଇଥିଲେ ତାଙ୍କୁ ଆମେ ପାଞ୍ଚ ବର୍ଷ ହେଲା ଦେଖିନାହୁଁ। ପ୍ରଣବ ପ୍ରକାଶ ଦାସ ଯେହେତୁ ଦଳର ମୁଖ୍ୟ କାର୍ଯ୍ୟକର୍ତ୍ତା। ସେ ସମ୍ବଲପୁରକୁ ପ୍ରତିନିଧିତ୍ୱ କଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚ୍ଛନ୍ନ ହାତ ରହିବ। ଯାହାକି ସମ୍ବଲପୁରର ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ। ତେଣୁକରି ମୁଁ ପ୍ରଣବପ୍ରକାଶ ଦାସଙ୍କୁ ସ୍ୱାଗତ କରୁଛି। ଆଶା କରୁଛି ସେ ସମ୍ବଲପୁରବାସୀଙ୍କ ଆଶା ପୂରଣ କରିବେ।

**-ଆର.କେ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ**

ମୋର ଆଶା ଅଛିଯେ ପ୍ରଣବ ପ୍ରକାଶ ଦାସ ଓ ପ୍ରସନ୍ନ ଆଚାର୍ଯ୍ୟ ନିର୍ବାଚନ ଜିତିଲେ ସମ୍ବଲପୁରରେ ଅଧିକ ସମୟ ଦେବାକୁ ପ୍ରାଥମିକତା ଦେବେ। ସାଧାରଣ ଜନତା ତାଙ୍କୁ ଯେମିତି ସିଧାସଳଖ ଦେଖାକରି ନିଜର ସୁବିଧା ଅସୁବିଧା ଜଣାଇ ପାରିବେ। ଏହାପରେ ସମ୍ବଲପୁରର ବିକାଶ ପାଇଁ ଯଦି କହିବା ବୁର୍ଲା ଓ ସମ୍ବଲପୁରରେ ଥିବା ମେଡିକାଲକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଚାଉଁରପୁର ପାଖରେ ଥିବା ବନ ବିଭାଗର ଯେଉଁ ଜମି ରହିଛି ସେଠାରେ ଏକ ଫରେଷ୍ଟ ପାର୍କ କରିବାକୁ ଯୋଜନା ରହିଥିଲେ ହେଁ ଅଦ୍ୟାବଧି ତାହା କରାଯାଇପାରିନାହିଁ। ସେହିଭଳି ରାସ୍ତାଘାଟ, ନିର୍ମାଣ, ଜିଏମ କଲେଜରେ ଯୁକ୍ତଦୁଇ ପାଠପଢ଼ାରେ ହେଉଥିବା ଅସୁବିଧାର ସମାଧାନ, ବନ୍ଧଗୁଡିକର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟୀକରଣ କାମ ହେବାର ଆବଶ୍ୟକତା ରହିଛି। ଏହା ସହିତ ଆରଡିସି, କଲେକ୍ଟରିଏଟ ଲେଭଲରେ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି।

**-ପ୍ରହ୍ଲାଦ ମିଶ୍ର, ବରିଷ୍ଠ ନାଗରିକ**

# ପଲିଟିକାଲ୍ ଟୁରିଷ୍ଟ ବୋଲି ବିରୋଧୀ ପ୍ରାର୍ଥୀଙ୍କୁ କହିଲେ ରୋହିତ

**ରେଢ଼ାଖୋଲ,୧୪।୪(ସିମିସ):** ରେଢ଼ାଖୋଲ ମେରୁଯାତ୍ରାରେ ଯୋଗଦେଇ ପଲିଟିକାଲ୍ ଟୁରିଷ୍ଟ ବୋଲି ବିରୋଧୀଙ୍କୁ ତେରଛା ବାଣ ମାରିଛନ୍ତି ବିଧାୟକ ରୋହିତ ପୂଜାରୀ। ରେଢ଼ାଖୋଲ ଚାରମାଳ ଖୁବେଲ ମନ୍ଦିରରେ ରବିବାର ହଜାର ହଜାର ଭକ୍ତଙ୍କ ସମାଗମରେ ପାଳିତ ହୋଇଯାଇଛି ମେରୁଯାତ୍ରା। ଏହି ଅବସରରେ ରେଢ଼ାଖୋଲ ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀ କର୍ମୀମାନଙ୍କ ସହିତ ଯୋଗଦେଇ ମା'ଙ୍କଠାରେ ପୂଜାର୍ଚ୍ଚନା ଓ ଆଶୀର୍ବାଦ ନେଇ ଆସିଥିବା ହଜାର ହଜାର ମହିଳା ମା' ଓ ଉପାସକମାନଙ୍କ ସହିତ ରେଢ଼ାଖୋଲ ବିକାଶର ବାର୍ତ୍ତା ବଖାଣିଥିଲେ। ଦେଶର ସବୁଠି ଅଧିକ ରାସ୍ତା, ବ୍ରିଜ୍ କେବଳ ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ହିଁ ହୋଇଛି। ଏଥିସହିତ ପ୍ରତ୍ୟେକ ଘରକୁ ବିଜୁଳି ଓ ପାଣି ସଂଯୋଗ ହୋଇଛି। ଯଦି ରାଜ୍ୟର କୌଣସି ନିର୍ବାଚନମଣ୍ଡଳୀରେ ସବୁଠାରୁ ଅଧିକ ବିକାଶ ହୋଇଛି ତାହା ହେଉଛି ରେଢ଼ାଖୋଲ ନିର୍ବାଚନମଣ୍ଡଳୀ। ଆଜିପର୍ଯ୍ୟନ୍ତ ନବୀନ ପଟ୍ଟନାୟକ ଯାହା କହିଛନ୍ତି ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ପାଇଁ ତାହା ପାଳନ କରିଛନ୍ତି। ଆଗକୁ ପ୍ରସ୍ତୁତି ରହିଛି ପ୍ରତ୍ୟକ ଘରକୁ କିଭଳି ସୋଲାର ବିଦ୍ୟୁତ ସଂଯୋଗ କରାଯିବ। ରେଢ଼ାଖୋଲ ହେଉଛି ସବୁଜ ହୀରାର ଖଣି। ଲୋକେ କେନ୍ଦୁପତ୍ର ଉପରେ ଭରସା କରି ପରିବାର ଚଳାଉଛନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କ କେନ୍ଦୁପତ୍ର ତୋଳାଳିଙ୍କ ୧୮ ପ୍ରତିଶତ ଜିଏସ୍‌ଟି ଛାଡ଼ କରିବା, ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରିବା, ୨କୋଟି ବେକାରୀ ଯୁବକଙ୍କୁ ନିଯୁକ୍ତିର ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି। ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଉଛି



କେନ୍ଦ୍ର ସରକାର ବୋଲି ଶ୍ରୀ ପୂଜାରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଲୋକଙ୍କ ସହିତ ଅଛନ୍ତି। ଆମେ କାମ କରୁଛୁ ଆଉ ଅଛୁ। ଆମେ ପଲିଟିକାଲ ଟୁରିଷ୍ଟ ନୁହଁ ବୋଲି ବିରୋଧୀଙ୍କୁ ତେରଛା ବାଣ ମାରିଛନ୍ତି ବିଧାୟକ ରୋହିତ ପୂଜାରୀ। ସୂଚନା ଯୋଗ୍ୟ ଯେ, ରୋହିତ ପୂଜାରୀ ତୃତୀୟ ଥର ପାଇଁ ରେଢ଼ୋଖୋଲ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ହୋଇଛନ୍ତି। ତାଲିକା ଘୋଷଣା ପ ରେ ଗତକାଲି ସମ୍ବଲପୁର ଆସିଥିଲେ। ଏହି ସମୟ ରେ ବିଭିନ୍ନ ସ୍ଥାନ ରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଆଜି ଖୁବେଲ୍ କାର୍ଯ୍ୟକ୍ରମ ସାରି ଦଳୀୟ କର୍ମୀଙ୍କ ସହ ବିଭିନ୍ନ ଗ୍ରାମକୁ ଯାଇ ଭୋଟ୍ ପ୍ରଚାର କରିଛନ୍ତି। ପୁଣିଥ ରେ ଆଶୀର୍ବାଦ ଦେବା ପାଇଁ ଭୋଟରଙ୍କୁ ଅନୁରୋଧ କରିଛନ୍ତି।

# ଦୁଇ ଟ୍ରକ୍ ମୁହାଁମୁହିଁ, ଜଣେ ମୃତ

**ଜମନକିରା,୧୪।୪(ସମିସ):** ଜମନକିରା ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ଚିନିମହୁଲ ପେଟ୍ରୋଲ ପମ୍ପ ନିକଟରେ ଦୁଇ ମାଲବାହୀ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଡ୍ରାଇଭରର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ମୃତ ଡ୍ରାଇଭର ହେଲେ ରାଜନନ୍ଦଗାଓଁ ଛତିଶଗଡ଼ ଅଞ୍ଚଳର ମହେନ୍ଦ୍ର କୁମାର ସାହୁ ଓ ଆହତ ଜଣକ ଆଲାଙ୍ଗୀର ଅନସାରି। ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ ସମ୍ବଲପୁର ଅଭିମୁଖେ ଟ୍ରକ ନଂ (ସିଜି ୦୪ପିସି ୭୯୪୮) ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ ନଂ( ଓଡି ୦୯ ୱାଇ ୪୧୭୧)ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମ୍ବଲପୁର ଅଭିମୁଖେ ଯାଉଥିବା ଟ୍ରକ ଡ୍ରାଇଭର ମହେନ୍ଦ୍ର ସାହୁ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଟ୍ରକ ଡ୍ରାଇଭର ଆଲାଙ୍ଗିର ଅନସାରି ଗୁରୁତର ଆହତ ହୋଇଥିଲେ। ଉଭୟ କେବିନ ଭିତରେ ଚାପି ହୋଇ ରହିଥିଲେ। ଖବର ପାଇ ଜମନକିରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଟର ମେସିନରେ କେବିନ କାଟି ଉଭୟଙ୍କୁ ଉଦ୍ଧାର କରିଥିଲେ। ପୁଲିସ ଆହତ ଡ୍ରାଇଭରଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବାବେଳେ ମୃତ ଡ୍ରାଇଭରଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ପରେ ରାଜପଥ ଜାମ ହେବା ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା।

# ବିଜେପି ନେତାଙ୍କ ସ୍ତ୍ରୀଙ୍କ କବ୍‌ଜାରେ ବୁର୍ଲା ଡକ୍ଟର କଲୋନୀ କ୍ୱାର୍ଟର୍ସ

## ଯୋଗାଇଛନ୍ତି ପୂର୍ବତନ ଉଚ୍ଚ ଅଧିକାରୀ



**ବୁର୍ଲା,୧୪।୪(ସମିସ):** ବୁର୍ଲାସ୍ଥିତ ଡକ୍ଟର କଲୋନୀରେ ଗୋଟିଏ କ୍ୱାର୍ଟର ଜଣେ ବିଜେପି ନେତାଙ୍କ ସ୍ତ୍ରୀ ମାଡ଼ି ବସିଥିବା ଅଭିଯୋଗ ହୋଇଛି। ଡାକ୍ତର ନ ହୋଇ ସୁଦ୍ଧା ସେ ବୁର୍ଲା ଡକ୍ଟର କଲୋନୀରେ ଗୋଟିଏ ଘର ମାଡ଼ି ବସିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ସୋନପୁର ଜିଲ୍ଲାର ବିଜେପିର ପ୍ରାର୍ଥୀ ହୋଇଥିବାବେଳେ ତାଙ୍କର ସ୍ତ୍ରୀ ଏହି କ୍ୱାର୍ଟରରେ ରହିବା ସହ ତାଙ୍କର ଗାଡ଼ି ମଧ୍ୟ ସବୁବେଳେ ରହୁଛି। ତେବେ ଜଣେ ବିଜେପି ନେତା ନିଜ ସ୍ତ୍ରୀ ପାଇଁ କେମିତି ବୁର୍ଲା ଡକ୍ଟର କଲୋନୀରେ ଘର ଯୋଗାଡ କରି ପାରିଲେ ସେନେଇ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁସାରେ ବୁର୍ଲା ପିଜି ଛକ ନିକଟରେ ଥିବା ଡକ୍ଟର କଲୋନୀର ୩ଜି/୧୮ ନମ୍ବର କ୍ୱାର୍ଟରରେ ଦୀର୍ଘ ଦିନ ହେବ ସୋନପୁର ଜିଲ୍ଲାର ବିଜେପି ନେତାଙ୍କ ସ୍ତ୍ରୀ ରହିଆସୁଛନ୍ତି। ଏପରିକି ସେ ବୁର୍ଲା ଭିମସାରରେ କୌଣସି ପଦ ପଦବୀରେ ନଥିବା ଜଣାପଡ଼ିଛି। ତଥାପି ସେ ବୁର୍ଲାର ପ୍ରାଇମ ଲୋକେସନ ଡକ୍ଟର କଲୋନୀ ପରି ସମ୍ଭ୍ରାନ୍ତ ଅଞ୍ଚଳରେ କ୍ୱାର୍ଟର୍ସ ପାଇଛନ୍ତି। ସାଧାରଣତଃ ସେହି କ୍ୱାର୍ଟର ଗୁଡିକ ସହକାରୀ ପ୍ରଫେସର କିମ୍ବା ତଦୂର୍ଦ୍ଧ୍ୱ ଡାକ୍ତରଙ୍କ ପାଇଁ ଉଦ୍ଦିଷ୍ଟ। ପିଜି କିମ୍ବା ଅନ୍ୟ ଡାକ୍ତରୀ ଛାତ୍ର ମଧ୍ୟ ସେହି କ୍ୱାର୍ଟର୍ସରେ ରହିପାରିବେ ନାହିଁ। ହେଲେ ସୋନପୁର ଜିଲ୍ଲାରେ ଜଣେ ବିଜେପି ନେତାଙ୍କ ସ୍ତ୍ରୀ କେମିତି କ୍ୱାର୍ଟର ପାଇଲେ ଓ ୪ମାସ ହେବ ସେଠାରେ ରହିଆସୁଛନ୍ତି ତାହା ଚିନ୍ତାର ବିଷୟ। ଏହାସହ ସେହି କ୍ୱାର୍ଟର୍ସରେ ତାଙ୍କର ଗାଡ଼ି ପାର୍କ ହୋଇ ରହୁଥିବାବେଳେ ସେ ଓ ତାଙ୍କ ପରିବାର ସେଠାରେ ରହି ଆସୁଛନ୍ତି। ତେବେ ତାଙ୍କର ଜଣେ ନିକଟ ସମ୍ପର୍କୀୟ ଭିମସାରର ଉଚ୍ଚ ପଦରେ ଥିବାବେଳେ ସେ ଏହି କ୍ୱାର୍ଟର୍ସ ତାଙ୍କୁ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳୁଛି। ଯେତେବେଳେ ଜଣେ ଡାକ୍ତର ଏଠାରେ କ୍ୱାର୍ଟର ପାଇବାକୁ ଅନେକ ପ୍ରକାର ସରକାରୀ ପ୍ରକ୍ରିୟା ଅନୁସରଣ କରିଥାନ୍ତି। ସେତେବେଳେ ଜଣେ ଅଣ-ଡାକ୍ତର କେମିତି ଡକ୍ଟର କଲୋନୀରେ କ୍ୱାର୍ଟର ପାଉଛନ୍ତି ତାହା ତଦନ୍ତ ସାପେକ୍ଷ। ଏହା ସହ ଯେଉଁ ଅଧିକାରୀଙ୍କୁ ସେ ହାତ କରି ଏହି କ୍ୱାର୍ଟର ମାଡିବସିଛନ୍ତି ସେହି ଅଧିକାରୀଙ୍କ ପ୍ରତି ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହାସହ ସମ୍ପୃକ୍ତ ମହିଳାଙ୍କଠାରୁ କ୍ୱାର୍ଟର ଭଡା ସହ ଫାଇନ ଆଦାୟ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି।

# କୁଚିଣ୍ଡାରେ ବିଜେଡି ବୈଠକ



**କୁଚିଣ୍ଡା, ୧୪।୪(ସମିସ):** ରବିବାର ସନ୍ଧ୍ୟାରେ କୁଚିଣ୍ଡାରେ ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ କିଶୋର ଚନ୍ଦ୍ର ନାଏକ, ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି, କାଉନସିଲର ତଥା ବିଜେଡି ନଗର ସଭାପତି ନବୀନ ହୋତା, ଜିଲ୍ଲା ପରିଷଦ କୁଚିଣ୍ଡା ଜୋନ ୧ ସଭ୍ୟ ଅଜିତ ମହାପାତ୍ର, ପୂର୍ବତନ ନଗର ସଭାପତି ସଞ୍ଜୀୟ ବେହେରା, ଗଣେଶ ଅଗ୍ରୱାଲ, ଗଗନ ଶର୍ମାଙ୍କ ସହିତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ୱାର୍ଡ଼ ନଂ ୯ ସ୍ଥିତ ବିଜେଡି କାର୍ଯ୍ୟାଳୟରେ ବୈଠକ ହୋଇଥିଲା। କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ବାମରା, କୁଚିଣ୍ଡା, ଜମନକିରା ଅଞ୍ଚଳରେ ଦଳୀୟ କର୍ମୀ ମାନଙ୍କୁ ସଂଗଠିତ କରିବା, ଦଳ କିଭଳି ବିଜୟୀ ହେବ ସେ ନେଇ କାମ କରିବା, ଭୋଟରଙ୍କ ଆସ୍ଥାଭାଜନ ହୋଇପାରିବା ସେ ନେଇ ମତ ପ୍ରକାଶ ପାଇଥିଲା। ଯୋଗ୍ୟ ଓ ଲୋକ ଗ୍ରହଣ କରୁଥିବା ନେତା ପ୍ରାର୍ଥୀ ହେଲେ ଏକଜୁଟ ହୋଇ ଲଢ଼ି ଦଳୀୟ ପ୍ରାର୍ଥୀଙ୍କ ବିଜୟୀ ପାଇଁ କାମ କରିବେ ବୋଲି ମତ ପ୍ରକାଶ ପାଇଥିଲା।

# ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳିତ







**କୁଚିଣ୍ଡା, ୧୪।୪(ସମିସ):** କୁଚିଣ୍ଡା ତଥା ଆଖପାଖ ଅଞ୍ଚଳରେ ଉତ୍ସାହ ସହିତ ମହାବୀର ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। କୁଚିଣ୍ଡା ଉପକାରାଗାର ପାଖରେ ଥିବା ହନୁମାନ ମନ୍ଦିର ପୂଜା କମିଟି ପକ୍ଷରୁ ଧାଡ଼ି ଦର୍ଶନ ସହ ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା ହୋଇଥିଲା। ଅପରାହ୍ନରେ ପୂଜାର୍ଚ୍ଚନା ପରେ ପଣା ବଣ୍ଟନ କରାଯାଇଥିଲା। ଠିକ୍ ସେହିପରି ବସ୍‌ଷ୍ଟାଣ୍ଡ ହନୁମାନ ମନ୍ଦିରରେ ମହାବୀର କମିଟି ପକ୍ଷରୁ ଯଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ଅପରାହ୍ନରେ ହନୁମାନଙ୍କୁ ପଣା ଭୋଗ ଲଗାଯିବା ପରେ ସମସ୍ତ ଜନସାଧାରଣ, ଦର୍ଶନାର୍ଥୀଙ୍କୁ ପଣା ବଣ୍ଟନ କରିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ବିରାଟ ଝଣ୍ଡାକୁ ପରିକ୍ରମା କରାଯାଇଥିଲା। ଭକ୍ତଙ୍କ ମନରଞ୍ଜନ ପାଇଁ ମହିଳା କୀର୍ତ୍ତନ ଦଳ କୀର୍ତ୍ତନ ପରିବେଷଣ କରିଥିଲେ। କୁଚିଣ୍ଡା ୱାର୍ଡ଼ ନଂ.୪ର ବଜାର ଛକରେ ମଧ୍ୟ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ଢଙ୍ଗରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଶାସନର ନୀତିକୁ ସମ୍ମାନ ଜଣେଇ ଏ ବର୍ଷ ଶୋଭାଯାତ୍ରା ବନ୍ଦ ରହିଥିବାରୁ କମିଟି ମନରେ ନୈରାଶ୍ୟ ଦେଖାଯାଇଥିଲା। କୁଣ୍ଡାପୋଷି ହନୁମାନ ମନ୍ଦିର, ହସ୍ପିଟାଲ ପଛପାଖ ହନୁମାନ ମନ୍ଦିର, ସିଂକଲ ପୋଷୀ ହନୁମାନ ମନ୍ଦିର ପତ୍ରପାଲି ପାହାଡ଼ ଉପରେ ଥିବା ବିରାଟ ହନୁମାନ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା।

ହରିନାରାୟଣ କମ୍ପ୍ଲେକ୍ସ ପକ୍ଷରୁ ପ୍ରାୟ ୫୦ହଜାରରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ପଣା ଫାଲୁଦା ବଣ୍ଟନ କରିବା କୁଚିଣ୍ଡାରେ ଚର୍ଚ୍ଚାର ବିଷୟ ହୋଇଛି। କମ୍ପ୍ଲେକ୍ସର ମାଲିକ ଅଖିଳ ପ୍ରତାପ ସିଂ, ମନୋଜ ସାହୁ, ବିମଳ ମହାପାତ୍ର, ଭ୍ରମରବର ସାହୁ, ପ୍ରାଣପ୍ରିୟ ପଟେଲ, ହରି ସାହୁ, ସନ୍ତୋଷ ସାହୁ, ରମେଶ ବେହେରା, ସୁଶୀଲ ନାୟକ, ଉମା ଓଝା, ଶଙ୍କର ସାହୁ, ରାକେଶ ସାହୁ (ପପି) ପ୍ରମୁଖଙ୍କ ସମେତ କମ୍ପ୍ଲେକ୍ସର ସମସ୍ତ ଦୋକାନୀଙ୍କ ସହାୟତାରେ ପଣା ବଣ୍ଟନ କରାଯାଇଥିଲା।



**ରେଙ୍ଗାଲି, ୧୪।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲିଠାରେ ଉଲ୍ଲାସରେ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳିତ ହୋଇଛି। ରେଙ୍ଗାଲି ମହାବୀର ଛକ ହନୁମାନ ମନ୍ଦିରରେ ବହୁ ଧୁମ୍‌ଧାମ୍‌ରେ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଛି। ଧୀରେନ୍ଦ୍ର କୁମାର ପାଢ଼ୀ ସପତ୍ନିକ ମୁଖ୍ୟ କର୍ତ୍ତା ହୋଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ଏକ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ରାଜନୈତିକ ଦଳର ନେତା ଆସି ଭଗବାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ସେହିପରି ରେଙ୍ଗାଲି ବ୍ଲକର ସମସ୍ତ ଗାଁରେ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଥିଲା।

**ରେଢ଼ାଖୋଲ, ୧୪।୪(ସମିସ):** ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ପୁରପଲ୍ଲୀରେ ପଣା ସଂକ୍ରାନ୍ତି ତଥା ମକର ସଂକ୍ରାନ୍ତି ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଚାରମାଳ ଗ୍ରାମପଞ୍ଚାୟତ ଅଧୀନ ଖୁବେଲ ମନ୍ଦିର ଶୈବ ପୀଠଠାରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଗହଣରେ ରେଢ଼ାଖୋଲ ବିଜେଡ଼ି ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ ପହଞ୍ଚି ସାଧାରଣଙ୍କ ମଙ୍ଗଳ କାମନା କରିଥିଲେ। ପବିତ୍ର ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ହିନ୍ଦୁ ନବବର୍ଷ ଉପଲକ୍ଷେ ସମସ୍ତଙ୍କ ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରାର୍ଥନା କରିଥିଲେ। ବିଜେପି ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ, ରେଢ଼ାଖୋଲ ବିଧାନସଭା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ରେଢ଼ାଖୋଲ କଂଗ୍ରେସ ବିଧାନସଭା ପ୍ରାର୍ଥୀ ଆସଫ ଅଲ୍ଲୀ ଖାଁ ଜନସାଧାରଣଙ୍କ ଗହଣରେ ବୁଲି ଆଶୀର୍ବାଦ ଭିକ୍ଷା କରିଥିଲେ। ରେଢ଼ାଖୋଲ କାଶୀ ବିଶ୍ୱନାଥ ଶୈବପୀଠ, କଦଳିଗଡ଼ ଶିବ ମନ୍ଦିର, ଡିମିରିମୁଣ୍ଡା ଶିବ ମନ୍ଦିର, ବୁର୍ଡା ମାହେଶ୍ୱରୀ ମନ୍ଦିର ସମେତ ଗ୍ରାମାଞ୍ଚଳ ଶୈବପୀଠ ମାନଙ୍କରେ ଧୁମ୍‌ଧାମରେ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି।

# ଆପ୍‌ର ଏକଛତ୍ରବାଦ ହଟାଅ ଅଭିଯାନ




**ବରଗଡ଼, ୧୪।୪(ସମିସ):** ବିରୋଧୀ ଦଳ ନେତାମାନଙ୍କୁ ହଇରାଣ କରାଯାଉଥିବା ସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବିନା କାରଣରେ ତିହାର ଜେଲରେ ଗିରଫ କରି ରଖାଯାଇଛି। ଅନ୍ୟପଟେ ବେନାମୀ କମ୍ପାନୀ ମାନଙ୍କ ଠାରୁ କୋଟି କୋଟି ଟଙ୍କା ବିଜେପି ଦଳୀୟ ପାଣ୍ଠି ସଂଗ୍ରହ କରିଛି ଯାହାକି ନିର୍ବାଚନକୁ ପ୍ରଭାବିତ କରିବ ବୋଲି ଆମ ଆଦମୀ ପାର୍ଟି ଅଭିଯୋଗ କରିଛି। ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ବରଗଡ଼ ଗାନ୍ଧୀଛକ ଠାରେ ଆପ୍ ତରଫରୁ ସମ୍ବିଧାନ ଓ ଗଣତନ୍ତ୍ର ବଞ୍ଚାଇବା ପାଇଁ ତଥା ତାନାସାହୀ ହଟେଇବା ପାଇଁ ଅଭିନବ ଭାବେ ପ୍ରୟାସ କରାଯାଇଥିଲା। ଜିଲ୍ଲା ଆବାହକ ଭବାନୀ ସାହୁ, ସ୍ୱରୂପ ଭୋଇ, ଅସିତ ସାହୁ, ମିଲୁ ନାଗ, ଯଦୁମଣି ପ୍ରଧାନ, ନରୋତ୍ତମ ପଣ୍ଡା, ଗୌତମ ମହାନନ୍ଦଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସ୍ଲୋଗାନ ଦେଇଥିଲେ।

## ବରଗଡ଼ରେ ଆଦର୍ଶ ଗଣବିବାହ

# ଦୁଇଟି ଫୁଲମାଳରେ ଜୀବନସାଥୀ ଗ୍ରହଣ

**ବରଗଡ଼, ୧୪।୪(ସମିସ)**

ସମ୍ବିଧାନର ପ୍ରଣେତା ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ବରଗଡ଼ରେ ଅନୁଷ୍ଠିତ ହୋଇଯାଇଛି ୧୮ ତମ ଆଦର୍ଶ ଗଣ ବିବାହ ଉତ୍ସବ। ସାମାଜିକ ପରିବର୍ତ୍ତନ ଓ ଆର୍ଥିକ ମୁକ୍ତି ଆନ୍ଦୋଳନର ବାର୍ତ୍ତା ନେଇ ବିନା ଜାନି ଯୌତୁକରେ ଅନୁଷ୍ଠିତ ଏହି ଆଦର୍ଶ ଗଣ ବିବାହରେ ଦୁଇଟି ଫୁଲ ମାଳରେ ପରସ୍ପରକୁ ଜୀବନସାଥୀ ଭାବରେ ଗ୍ରହଣ କରିନେଇଥିଲେ ୬ ଯୋଡ଼ି ଯୁବକ ଯୁବତୀ। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ବାବା ସାହେବ ଡ. ଆମ୍ବେଦକର ଚେରିଟେବୁଲ ଟ୍ରଷ୍ଟ ଏବଂ ସମ୍ବିଧାନ ସୁରକ୍ଷା ମଞ୍ଚ ତରଫରୁ ନିରାଡମ୍ବର ଆଦର୍ଶ ବିବାହରେ ସମାଜର ବହୁ ପ୍ରତିଷ୍ଠିତ ବ୍ୟକ୍ତିମାନେ ସାମିଲ ହୋଇ ନବଦମ୍ପତିଙ୍କୁ ଆର୍ଶିବାଦ ପ୍ରଦାନ କରିଥିଲେ। ଏ ଅବସରରେ ସମସ୍ତ ବରକନ୍ୟା ସ୍ଥାନୀୟ କୋର୍ଟ ସମ୍ମୁଖରେ ଥିବା ଡ.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ବିଜୁ ପଟ୍ଟନାୟକ ଟାଉନହଲ ଠାରେ ବାବା ସାହେବ ଡକ୍ଟର ଭୀମରାଓଙ୍କ ୧୩୩ ତମ ଜୟନ୍ତୀ ସ୍ୱାଭିମାନ ଦିବସ ପାଳିତ ହେବା ସହ ଏକ ନିରାଡମ୍ବର ଉତ୍ସବରେ ବରପାତ୍ର ଏବଂ କନ୍ୟାପାତ୍ର ପରସ୍ପରକୁ ଫୁଲମାଳ ଦେଇ ବିବାହ କରିଥିଲେ। ଏହି ଆଦର୍ଶ ଗଣବିବାହରେ ସମ୍ବିତ ଆଚାର୍ଯ୍ୟ ଓ ଯଶସ୍ୱିତା ଆଚାର୍ଯ୍ୟ ବରପକ୍ଷ ଭୂମିକା ତୁଲାଇଥିବା ବେଳେ ଅବଦୁଲ ଇବ୍ରାହିମ ଓ ରେଶମା ସୁଲତାନା କନ୍ୟାପକ୍ଷ ଦାୟିତ୍ୱ ନିର୍ବାହ କରିଥିଲେ। ସଂସ୍ଥାପକ ପବିତ୍ର ଦେହେରୀଙ୍କ ନେତୃତ୍ୱରେ ସଭାପତି ଗୁଣମଣୀ ସୁନାନୀ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଫେସର ଦେବେନ୍ଦ୍ର କୁମାର ମହାଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏ ଅବସରରେ କୃଷକନେତା ବୃଷଭାନୁ ସାହୁ, ରବିଶଙ୍କର ପ୍ରଧାନ, ସାମାଜିକ କର୍ମୀ ସୁରେଖା ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଚନ୍ଦ୍ରଶେଖର ବାଗ, ଡାକ୍ତର ଶ୍ୟାମସୁନ୍ଦର ଅଗ୍ରୱାଲ, ମନୋରଞ୍ଜନ ସାହୁ, ପରମେଶ୍ୱର ଲୁହା, ନୁର ବେଗମ, ପାଣ୍ଡବ କର୍ଣ୍ଣ, ଉର୍କୁଲୁ ତାଣ୍ଡି, ପ୍ରୀତମ ସିଂ, ରମେଶ ମହାପାତ୍ର, ମେରିୟମ ବାର୍ଲା, ସାରଥି ମେହେର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଆମ୍ବେଦକର ଜୟନ୍ତୀ



**ପଦ୍ମପୁର, ୧୪/୪ (ସମିସ):** ପଦ୍ମପୁର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଦ୍ମପୁର ତରଫରୁ ଡ. ଭୀମ ରାଓ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଶାସ୍ତ୍ରୀ ଛକଠାରେ ଥିବା ସମ୍ବିଧାନର ପ୍ରଣେତା ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଭାରତ ବିକାଶ ପରିଷଦ ସଭାପତି ଜୟନାରାୟଣ ତ୍ରିପାଠୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ବିଦ୍ୱତ ପରିଷଦ ସଭାପତି ଡ. ବାଞ୍ଛାନିଧି ପଣ୍ଡା ମାର୍ଗ ଦର୍ଶନ କରିଥିଲେ। ଉକ୍ତ ସଭାରେ ଯୁବରାଜ ପଧାନ, ଭାସ୍କର ଦାଶ, ସୁଧାଂଶୁ ପତି, ଚୈତନ୍ୟ ଭୋଇ, ଦୀନବନ୍ଧୁ ଦେହେରୀ, ଦୁର୍ବାଦଳ ସାହୁ, ପ୍ରଦୀପ ରାଜହଂସ, କାହ୍ନୁ ଚରଣ ସାହୁ, ହରି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭାସ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ବିଭାଜନକୁ ନେଇ ବିରାଟ ଜନସମାବେଶ

**ଝାରସୁଗୁଡ଼ା, ୧୪।୪(ସମିସ):** ଲଖନପୁର ନାଗରିକ ପରିଷଦ ପକ୍ଷରୁ ଲଖନପୁର ବ୍ଲକକୁ ବିଭାଜନ କରିବା ଓ ଲଖନପୁରକୁ ଏକ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ପାଇଁ ଦାବି କରାଯାଉଛି। ଏନେଇ ରବିବାର ବିରାଟ ଜନ ସଂଘର୍ଷ ସମାବେଶ ୧୯ଖଣ୍ଡ ମୌଜା ମୂରଲିପାଲି ପଡ଼ିଆ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶ ରେ ଲଖନପୁର ନାଗରିକ ପରିଷଦର ସଭାପତି ପିତାମ୍ବର ମିଶ୍ର, ମନୋଜ ଅଗ୍ରୱାଲ, ମହେନ୍ଦ୍ର କୁମାର ସାଏ, ଇନ୍ଦ୍ରମଣି ପଧାନ, ଭାସ୍କର ଗଡ଼ତିଆ, ଜଗବନ୍ଧୁ ସା, କନକତୋରା ସରପଞ୍ଚ ସୁଶାନ୍ତ ଚଇନି, ରେମତା ସରପଞ୍ଚ ପ୍ରଫୁଲ୍ଲ ସିଂ, ପିଥିଣ୍ଡା ସରପଞ୍ଚମହେନ୍ଦ୍ର କୁମାର ନାଏକ, ପ୍ରଭାକର ଖମାରୀ, ପ୍ରମୋଦ କୁମାର ସା, ଦୀନବନ୍ଧୁ ସେଠ, ଗୁରୁଚରଣ ସାହୁ, ସାହିତ୍ୟ ମେହେର, ନିମାଇଁ ସାହୁ, ଚୈତନ୍ୟ ପଧାନ, ପାଣ୍ଡବ ସାହୁ, ପ୍ରଶାନ୍ତ ସାହୁ, ତରଣି ସାହୁ, ସଦାନନ୍ଦ ପଧାନ ଏବଂ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଉପସ୍ଥିତ ରହିଥିଲେ।

# ଡିମିରିପୋଷି ଗ୍ରାମରେ କଂଗ୍ରେସର ନିର୍ବାଚନୀ ପ୍ରଚାର



**ଦେବଗଡ଼, ୧୪।୪(ସମିସ ):** ଦେବଗଡ଼ ବିଧାନସଭା ଆସନ ନିମନ୍ତେ ଜିଲ୍ଲା କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଛି। ଆଜି ବାରକୋଟ ବ୍ଲକ କଣ୍ଡାପାଲି ପଞ୍ଚାୟତର ଡ଼ିମିରିପୋଷି ଗ୍ରାମରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଗ୍ରାମରେ ଦଳୀୟ ନିର୍ବାଚନୀ ପ୍ରଚାର କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ରାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭ ରେ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରାଯିବା ସହ ଶ୍ରୀ ହେମ୍ରାମ ଆଗାମୀ ନିର୍ବାଚନରେ କଂଗ୍ରେସକୁ ସମର୍ଥନ କରି ଜିଲ୍ଲାର ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇ ଜିଲ୍ଲାର ବିକାଶରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶଚନ୍ଦ୍ର ପାତ୍ର, ଶ୍ରୀତମ ସାହୁ, କ୍ଷୀରୋଦ ନାଏକ, ଦେବରାଜ ପ୍ରଧାନ, ଫକୀର ପ୍ରଧାନ, ଗୁଣନିଧି ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଆମ୍ବେଦକର ଜୟନ୍ତୀ ଅବସରରେ ବିଶାଳ ପଥସଞ୍ଚଳନ



**ବରଗଡ଼, ୧୪।୪(ସମିସ):** ରବିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବରଗଡ଼ ଜିଲ୍ଲା ତରଫରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓଡ଼ିଆ ବିଭାଗ ପରିସରରେ ସମ୍ବିଧାନ ପ୍ରଣେତା ଭୀମ ରାଓ ଆମ୍ବେଦକର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସହ ପ୍ରାନ୍ତ ପ୍ରଚାରକ ସୁରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ରାଷ୍ଟ୍ର ପ୍ରତି ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ଅବଦାନ ଓ ମହାନ ତ୍ୟାଗ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଏକ ବିଶାଳ ପଥସଞ୍ଚଳନ ସ୍ୱୟଂ ସେବକମାନଙ୍କ ଦ୍ୱାରା ଘୋଷ ବାଦନ ସହ ଓଡ଼ିଆ ବିଭାଗ ପରିସରରୁ ବାହାରି ସମଲେଶ୍ୱରୀ ମନ୍ଦିର, ଏସ୍ ପି ଅଫିସ ଛକ, କାଳୀ ମନ୍ଦିର ପରିସର ହୋଇ ମୁଖ୍ୟ ରାସ୍ତା ଦେଇ ଶିଶୁ ବିଦ୍ୟାମନ୍ଦିରରେ ପହଞ୍ଚିଥିଲା। ଜିଲ୍ଲା ସଂଘ ଚାଳକ ରୋହିତ କୁମାର ମେହେର, ଡା. ଅର୍ଜ୍ଜୁନ ମେହେର, ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ବି. ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ପ୍ରଦାନ କରିଥିଲେ।

# କଳିଙ୍ଗ ଉତ୍କଳ ମହିଳା ସେନା ଦ୍ୱାରା ଓଡ଼ିଆ ନବବର୍ଷ ପାଳିତ



**ବ୍ରଜରାଜନଗର, ୧୪।୪(ସମିସ):** ବ୍ରଜରଜନଗର ପୌର ପରିଷଦ ଅନ୍ତର୍ଗତ ନରସିଂହନଗର ଠାରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ବ୍ରଜରାଜନଗର ସହରର ସବୁ ଦଳର ମହିଳା ମାନଙ୍କୁ ନେଇ ଗଠନ ହୋଇଥିବା କଳିଙ୍ଗ ଉତ୍କଳ ମହିଳା ସେନା ଏହି ନବବର୍ଷ ପାଳନର ମୁଖ୍ୟ ଦାୟିତ୍ୱରେ ରହିଥିବା ବେଳେ ଅପରାହ୍ଣରେ ପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ମହିଳାମାନେ ସ୍ଥାନୀୟ ଜନସାଧାରଣଙ୍କ ସହିତ ରାସ୍ତାରେ ଯାଉଥିବା ଲୋକମାନଙ୍କୁ ପଣା ବଣ୍ଟନ କରିଥିଲେ। ଆୟୋଜକ କମିଟିର ନାରୀନେତ୍ରୀ ସାଧନା ସାମନ୍ତରାୟ, ପ୍ରମିଳା ରାୟ ଚୌଧୁରୀଙ୍କ ସହିତ ସଙ୍ଗୀତା ସୁନା, ଦ୍ରୌପଦୀ ମେହେର, ବିନି ଦାସ, ସୁଷମା ସିଂ, ସନ୍ଧ୍ୟା ନାୟକ, ରେଣୁବାଳା ସାହୁ, ଲକ୍ଷ୍ମୀ ଦାସ, ଶିବାନୀ ନାଗ, ବାସନ୍ତୀ ଭୋଇ, ନିରୁପମା ପାଣିଗ୍ରାହୀ, ବୁନ୍ଦେ ଧୁରୁଆ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ତେବେ ଗତ ଦୁଇ ବର୍ଷ ଧରି ସହରରେ ଗଢି ଉଠିଥିବା ଏହି ମହିଳା ସେନା ଅଞ୍ଚଳର ଗରିବ ମହିଳାମାନଙ୍କୁ ନିଜସ୍ୱ ଉଦ୍ୟମରେ ସହାୟତା କରି ଆସୁଅଛନ୍ତି।

# ବିଭିନ୍ନ ମନ୍ଦିରରେ ପଣାସଂକ୍ରାନ୍ତି

**ଝାରସୁଗୁଡ଼ା, ୧୪।୪(ସମିସ) :** ସହରର ବିଭିନ୍ନ ମନ୍ଦିରରେ ପଣା ସଂକ୍ରାନ୍ତି ପାଳିତ ହୋଇଛି। ସହରର ସରବାହାଲ ହନୁମାନ ମନ୍ଦିର ଛକ, ଗୌଡ଼ପଡ଼ା ହନୁମାନ ମନ୍ଦିର, ତଳିପଡ଼ା ହନୁମାନ ମନ୍ଦିର, ଜଗନ୍ନାଥ ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିର ବୁଡା ପଡ଼ା ବୁରୋମାଲ ମଙ୍ଗଳ ବଜାର, ପୁରୁଣାବସ୍ତି ଝଣ୍ଡାଛ, ରେଳଷ୍ଟେସନ ଛକ, ପୁରୁଣା ବସଷ୍ଟା, ବେହେରାମାଲ ବିଟିଏମ ଏକାତାଲି ରେଳ କୋଲନି ବଡ଼ମାଲ ସମେତ ବିଭିନ୍ନ ହନୁମାନ ମନ୍ଦିର ରେ ଆଜି ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ପୂଜକ ଗଣେଶ୍ୱର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ସରବାହାଲ ଅଞ୍ଚଳର ବରିଷ୍ଠ ନାଗରିକ ପ୍ରଦୀପ ପୂଝାରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।



# ସେମ ହେମ୍ରମ ଦେବଗଡ଼ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ

**ଦେବଗଡ଼, ୧୪।୪ (ସମିସ):** ଦେବଗଡ଼ ବିଧାନସଭା ଆସନ ନିମନ୍ତେ ସେମ ହେମ୍ରାମଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ନାମ ଘୋଷଣା କରିଛି କଂଗ୍ରେସ। ୨୦୧୪ ନିର୍ବାଚନରେ ସେମ କଂଗ୍ରେସରୁ ଟିକଟ ପାଇ ପରାଜିତ ହୋଇଥିବା ବେଳେ ଆଗାମୀ ୨୦୨୪ ନିର୍ବାଚନ ପାଇଁ ଦଳ ପୁଣି ଥରେ ଟିକଟ ଦେଇଛି। କୃଷକ ସଂଘର୍ଷ ସଙ୍ଘ ଓ ଜିଲ୍ଲା ଆଦିବାସୀ ସଙ୍ଘ ସଭାପତି ହୋଇଥିବା ସେମ ଆଗାମୀ ନିର୍ବାଚନରେ ଆଦିବାସୀ ଓ ଚାଷୀଙ୍କ ସମର୍ଥନରେ ବିଜୟୀ ହେବାରେ ଅଧିକ ସହଯୋଗ କରିବ ବୋଲି ଆଶା ପ୍ରକାଶ କରିଛନ୍ତି।



# ଗୁଦେରପାଲି ୟୁଜିୟୁପି ସ୍କୁଲର ଶତବାର୍ଷିକୀ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ

**ଗୁଦେରପାଲି, ୧୪।୪(ସମିସ):** ୧୯୨୪ ମସିହାରେ ପ୍ରତିଷ୍ଠିତ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଖମାରୀଙ୍କ ଅଧ୍ୟକ୍ଷତାରେ ୟୁଜିୟୁପି ସ୍କୁଲର ଶତବାର୍ଷିକୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶତବାର୍ଷିକୀ ଉତ୍ସବକୁ କିପରି ମହାଆଡ଼ମ୍ବରରେ ପାଳିତ କରାଯାଇପାରିବ ସେ ବିଷୟରେ ଶିକ୍ଷାପ୍ରେମୀ, ଅନୁଷ୍ଠାନ ପ୍ରେମୀ ତଥା ପୁରାତନ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ ପୁରାତନ ଛାତ୍ର ତଥା ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର ପାତ୍ର, ଚାଷୀନେତା କିଶୋର ଚନ୍ଦ୍ର ଦେବତା, କିଶୋର ପାତ୍ର, ଧନପତି




ଦେବତା, ଆଶୋକ ଦେବତା, ଧିରେନ ଦେବତା, ଜୟଲାଲ ସାହୁ, ମାଧବାନନ୍ଦ ଦେବତା, ନରସିଂହ ପଧାନ, ମୁକେଶ ମୁରାରୀ କେଡିଆ, କେଶବ ପାତ୍ର, ଯଶୋବନ୍ତ ସାଗର, ଜଗଦୀଶ ପାତ୍ର, ସାମ୍ବାଦିକ ରିଙ୍କୁ ଦେବତାଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ।



# ବରଗଡ଼ ପୁଲିସକୁ ମିଳୁନି ଗୋଇନ୍ଦା ସୂଚନା

## ସୀମାନ୍ତରେ ଛତିଶଗଡ଼ ପୁଲିସକୁ ମିଳୁଛି ସଫଳତା

**ସୋହେଲା, ୧୪।୪(ସମିସ)**

ସୋହେଲା ଠାରୁ ପ୍ରାୟ ୧୨ କିମି ଦୂର ଜାତୀୟ ରାଜପଥ ଉପରେ ରେହେଟିଖୋଲ ଠାରେ ଛତିଶଗଡ଼ ପୁଲିସ ଦ୍ୱାରା ଆଗାମୀ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ଥାୟୀ ଯାଞ୍ଚ କେନ୍ଦ୍ର ଖୋଲାଯାଇ ଓଡ଼ିଶାରୁ ଛତିଶଗଡ଼କୁ ଯାଉଥିବା ସନ୍ଦିଗ୍ଧ ଯାନ ବାହନକୁ ନିୟମିତ ଯାଞ୍ଚ କରାଯାଉଛି ଏବଂ ପୁଲିସକୁ ନିୟମିତ ବଡ଼ ସଫଳତା ମଧ ମିଳୁଛି।

**୩ ଦିନରେ ୧୩ ଲକ୍ଷ ଟଙ୍କା ଓ ୪୨ଲକ୍ଷ ଟଙ୍କାର ଅଳଙ୍କାର ଜବତ**

**ମାସକ ମଧ୍ୟରେ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଗଂଜେଇ ଜବତ**

ମାତ୍ର ବରଗଡ଼ ଜିଲ୍ଲା ଦେଇ ଯାଉଥିବା ଏହି ଗଞ୍ଜେଇ ଓ ବେଆଇନ ଟଙ୍କା-ଅଳଙ୍କାର ସମ୍ପର୍କରେ ଟେର ପାଉନି ବରଗଡ଼ ଜିଲ୍ଲା ପୁଲିସ। ଗତ ମାର୍ଚ୍ଚ ମାସରୁ ଗତକାଲି ପର୍ଯ୍ୟନ୍ତ ଛତିଶଗଡ଼ ରାଜ୍ୟ ସୀମାନ୍ତ ରେହେଟିଖୋଲ ଆନ୍ତଃ ରାଜ୍ୟ ତନଖି କେନ୍ଦ୍ରରେ ସିଙ୍ଘୋଡା ପୁଲିସ ବିଭିନ୍ନ ଯାନବାହନ ମାନଙ୍କରେ ଓଡ଼ିଶା ପଟୁ ବେଆଇନ ଭାବେ ଚାଲାଣ ହେଉଥିବା ପ୍ରାୟ ୧୦କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଗଂଜେଇ, ୪୨ଲକ୍ଷ ଟଙ୍କା ମୂଲ୍ୟର ରୁପା ଅଳଙ୍କାର ସହିତ ଗତ ୩ଦିନ ମଧ୍ୟରେ ୨ଟି କାରରୁ ନଗଦ ପ୍ରାୟ ୧୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରିଛନ୍ତି। ମିଳିଥିବା ସୂଚନାରୁ ପ୍ରକାଶ ଯେ, ଛତିଶଗଡ଼କୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଏବଂ ସୋହେଲା ବରମକେଲା ରାସ୍ତାରେ ଛତିଶଗଡ଼ ପୁଲିସ ଦ୍ୱାରା ସ୍ଥାୟୀ ଯାଞ୍ଚ କେନ୍ଦ୍ର ଖୋଲାଯାଇ ଓଡ଼ିଶାରୁ ଛତିଶଗଡ଼ ଓ ଛତିଶଗଡ଼



ଦେଇ ଅନ୍ୟ ରାଜ୍ୟକୁ ଯାଉଥିବା ଯାନବାହନ ମାନଙ୍କୁ ଯାଞ୍ଚ କରାଯାଉଛି। ଜାତୀୟ ରାଜପଥ ଉପରେ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲା ସୀମାନ୍ତ ରେହେଟିଖୋଲ ଆନ୍ତଃରାଜ୍ୟ ଯାଞ୍ଚକେନ୍ଦ୍ରରେ ଛତିଶଗଡ଼ ମହାସମୁନ୍ଦ ଜିଲା ସିଂଘୋଡା ପୁଲିସ ପକ୍ଷରୁ ଏବଂ ସୋହେଲା-ବରମକେଲା ରାସ୍ତାରେ ସୀମାନ୍ତ ବିର୍ଣିପାଲି(ଛତିଶଗଡ଼) ଠାରେ ସାରଙ୍ଗଗଡ଼ ଜିଲା ଡୁଙ୍ଗରିପାଲି ଥାନା ତରଫରୁ ୨୪ ଘଣ୍ଟିଆ ସ୍ଥାୟୀ ଯାଞ୍ଚ କେନ୍ଦ୍ର ଖୋଲାଯାଇ ସନ୍ଦିଗ୍ଧ ଯାନବାହନ ମାନଙ୍କୁ ଯାଞ୍ଚ କରାଯାଉଛି। ଏହି କ୍ରମରେ ଗତ ୧୨ତାରିଖ ଦିନ ସୋହେଲା ପଟୁ ଏକ ମାରୁତି ବ୍ରିଜା କାର ନମ୍ବର ଓଡି-୦୨ଏସ-୫୩୮୧ ଦୃତଗତିରେ ଛତିଶଗଡ଼କୁ ଯାଉଥିବା ସମୟରେ ପୁଲିସ ଯାଞ୍ଚ କେନ୍ଦ୍ରରେ ନିୟୋଜିତ ସିଘୋଡା ପୁଲିସ ଏବଂ ମହାସମୁନ୍ଦ ଜିଲା ସାଇବର ସେଲ କର୍ମଚାରୀ ମାନେ ଉକ୍ତ ବାହନକୁ ଅଟକାଇ ଯାଞ୍ଚ କରିବାରୁ କାର ଭିତରୁ ଟଙ୍କା ଭର୍ତ୍ତି ଏକ ବ୍ୟାଗ ମିଳିଥିଲା। ଉକ୍ତ ଟଙ୍କା ସମ୍ବନ୍ଧରେ କାର ଚାଳକ ସୋନପୁର ଜିଲା ଉଲୁଣ୍ଡା ଥାନା ଅମୀତ କୁମାର ସାହୁ(୪୨)ଙ୍କୁ ପଚରା ଯିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିଥିଲେ ଏବଂ ଟଙ୍କାର କୌଣସି ବୈଧ କାଗଜ ଦେଖାଇ ପାରି ନଥିଲେ। ଫଳରେ ପୁଲିସ ଉକ୍ତ ଟଙ୍କାକୁ ଜବତ କରି ୧୦୨ ଧାରାରେ ମାମଲା ରୁଜୁ କରିଥିବା ସିଙ୍ଘୋଡା ଥାନା ଅଧିକାରୀ ମହେଶ ସାହୁ ସୂଚନା ଦେଇଛନ୍ତି। ସେହିପରି ଗତ ୧୦ତାରିଖ ଦିନ ମଧ ସମାନ ଢ଼ଙ୍ଗରେ ବରଗଡ଼ ପଟୁ ଦୃତ ଗତିରେ ଯାଉଥିବା ଏକ ମହିନ୍ଦ୍ରା ଥାର୍ ଗାଡ଼ି ନମ୍ବର ଓଡି୧୭-ଏଏ-୫୭୬୧ରୁ ୫ଲକ୍ଷ ୨୬ହଜାର ୪ଶହ ଟଙ୍କା ଜବତ ହୋଇଥିଲା। ଏହି ସୀମନ୍ତ ଯାଞ୍ଚ କେନ୍ଦ୍ରରୁ ଛତିଶଗଡ଼ ପୁଲିସ ଗତ ମାର୍ଚ୍ଚ ମାସ ୭ତାରିଖରେ ଏକ କାର ଡିକିରୁ ୪୨ଲକ୍ଷ ଟଙ୍କା ମୂଲ୍ୟର ୫୮ କିଲୋଗ୍ରାମ ଓଜନର ରୁପା ଅଳଙ୍କାର ଜବତ କରିଥିଲା। ମାର୍ଚ୍ଚ ୧ତାରିଖ ଦିନ ଓଡ଼ିଶାରୁ ଆସୁଥିବା ଏକ ଟ୍ରକ ନମ୍ବର ଏମଏଚ-୨୧ବିଏଚ-୫୮୫୫ରୁ ପ୍ରାୟ ୯କୋଟି ଟଙ୍କା ମୂଲ୍ୟର ୧୭୨୫ କେଜି ଗଂଜେଇ ଜବତ କରିଥିଲେ। ମାର୍ଚ୍ଚ ୭ତାରିଖରେ ଏକ ଟ୍ରକ ନମ୍ବର ଓଡି୧୫ଡବ୍ଲୁ-୭୭୭୧ରୁ ପ୍ରାୟ ୭୫ଲକ୍ଷ ଟଙ୍କାର ଗଂଜେଇ, ୧୪ତାରିଖରେ ଏକ ମାରୁତି କାର ନମ୍ବର ଓଡି୦୨ସିଜି-୨୨୯୮ରୁ ୫୭ଲକ୍ଷ ଟଙ୍କାର ଗଂଜେଇ, ୨୫ ତାରିଖରେ ଏକ ମିନି ଟ୍ରକ ନମ୍ବର ଓଡି୧୫ ବବ୍ଲୁ-୯୫୯୩ରୁ ୨୨ଲକ୍ଷ ୫୦ହଜାର ଟଙ୍କାର ଗଂଜେଇ ଜବତ କରା ଯାଇଥିବା ଏବଂ ଓଡ଼ିଶାରୁ ନିୟମିତ ବିଭିନ୍ନ ଯାନବାହନ ମାନଙ୍କରେ ବେଆଇନ ଗଂଜେଇ ଏହି ରାସ୍ତା ଦେଇ ଛତିଶଗଡ଼ ସମେତ ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜରାଟ ଓ ମହାରାଷ୍ଟ୍ର ରାଜ୍ୟକୁ ଚାଲାଣ ହେଉଥିବା କାରଣରୁ ମହାସମୁନ୍ଦ ଏସପିଙ୍କ ନିର୍ଦ୍ଦେଶ କ୍ରମେ ସାଇବର ସେଲ୍ଫ, କ୍ରାଇମବ୍ରାଞ୍ଚ ତଥା ସରାଇପାଲି ଏବଂ ସିଙ୍ଘୋଡା ପୁଲିସ ଜାତୀୟ ରାଜପଥ ଉପରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି। ଛତିଶଗଡ଼ ପୁଲିସକୁ ସଫଳତା ଉପରେ ସଫଳତା ମିଳୁଥିବା ରେହେଟିଖୋଲ ପୁଲିସ ଯାଞ୍ଚକେନ୍ଦ୍ର ବରଗଡ଼ ଜିଲା ପୁଲିସ ମୁଖ୍ୟାଳୟ ଠାରୁ ମାତ୍ର ୩୭ କିଲୋମିଟର ଏବଂ ସୋହେଲା ଥାନା ଠାରୁ ମାତ୍ର ୧୨ କିଲୋମିଟର ଦୂରରେ ଜାତୀୟ ରାଜପଥ ଉପରେ ଅବସ୍ଥିତ। ଓଡ଼ିଶା ସୀମା ଅତିକ୍ରମ ପରେ ଛତିଶଗଡ଼ ପୁଲିସକୁ ସଫଳତା ମିଳୁଥିବା ବେଳେ ବରଗଡ଼ ଏବଂ ସୋହେଲା ପୁଲିସକୁ କିପରି ସୂଚନା ଓ ସଫଳତା ମିଳୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

■ ଭାରସାମ୍ୟ ହରାଇ ବସ୍ ଦୁର୍ଘଟଣାଗ୍ରସ୍ତ

# ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ




**ଦହିତା, ୧୪।୪ (ସମିସ):** ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ସୁଲିଆ ନିକଟରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଛତିଶଗଡ଼ ବରୋଦା ଅଞ୍ଚଳର ୫୦ରୁ ଅଧିକ ଯାତ୍ରୀ ଏକ ବସ୍‌ରେ ପାଞ୍ଚଦିନିଆ ତୀର୍ଥଯାତ୍ରାରେ ବାହାରିଥିଲେ। ସେମାନେ ପୁରୀ ଜଗନ୍ନାଥ ଧାମ ଦର୍ଶନ କରି ପାଇକମାଲ ନିକଟସ୍ଥ ନୃସିଂହନାଥ ପୀଠକୁ ଆସୁଥିଲେ। ରବିବାର ପ୍ରାତଃ ୪.୩୦ ମିନିଟ ସମୟରେ ବୁଡେନ ଥାନା ସୁଲିଆ ନିକଟରେ ବସଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ୧୫ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହିତ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବୁଡେନ ପୁଲିସ ଏବଂ ପଦ୍ମପୁର ଅଗ୍ନିଶମ ବାହିନୀ ଆହତମାନଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ। ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ଆଶୀର୍ବାଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ଦୀର୍ଘ ପାଞ୍ଚ ଦିନ ଦିନ ଧରି ଗୋଟିଏ ଡ୍ରାଇଭର ବସ୍ ଚଳାଉଥିବା ବେଳେ ନିଦ ଲାଗିବାରୁ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି।

# ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ

**ବରଗଡ଼, ୧୪।୪(ସମିସ) :** ବରଗଡ଼ରେ ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ୧୩୩ ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସରରେ




ସମାରୋହରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସାହାୟ ମୀନା ଏବଂ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ପ୍ରମୁଖ ସ୍ଥାନୀୟ ଜିଲ୍ଲାଦୌରା ଏବଂ ଦେୱାନୀ ଅଦାଲତ ସମ୍ମୁଖରେ ଥିବା ବାବାସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଜିଲ୍ଲାପାଳ ଶ୍ରୀ ଗୋୟଲ ଭାରତରତ୍ନ ଡ. ଆମ୍ବେଦକର ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଥିବା ବେଳେ ତାଙ୍କ ଦର୍ଶନ ଓ ଶିକ୍ଷାକୁ ଆମେ ବାସ୍ତବ ଜୀବନରେ କାର୍ଯ୍ୟରେ ଲଗାଇବାକୁ ପ୍ରୟାସ କରିବା ଉଚିତ ଏବଂ ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୃଢ଼ ଇଚ୍ଛାଶକ୍ତି ଓ ସାମର୍ଥ୍ୟ ବଳରେ ଯେ କୌଣସି ବ୍ୟକ୍ତି ସଫଳତାର ଶୀର୍ଷକୁ ପହଞ୍ଚି ପାରିବ, ଏହା ଆମ୍ବେଦକରଙ୍କ ଜୀବନୀ ଆମକୁ ଶିକ୍ଷା ଦେଇଛି ବୋଲି କହିବା ସହିତ ବିଦ୍ୟାଳୟର ସମସ୍ୟା ଗୁଡ଼ିକୁ ପଚାରି ବୁଝି ଆଦର୍ଶ ଆଚରଣ ବିଧି ଶେଷ ହେବା ପରେ ପିଲାଙ୍କ ସୁବିଧା ଲାଗି ଆବଶ୍ୟକୀୟ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନା ଡ. ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଏବଂ ଘଟଣାବହୁଳ ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ସାଧାରଣ ସଭାରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ଛାତ୍ରଛାତ୍ରୀ ଏବଂ ଜିଲ୍ଲାସ୍ତରୀୟ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବିରମାଲ ଓ ଗୋବିନ୍ଦପୁରରେ ବିଧାୟକ ପାଳିଲେ ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ



**ବରଗଡ଼, ୧୪।୪(ସମିସ):** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ବିରମାଲ ଗ୍ରାମରେ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ତାଙ୍କ ଧର୍ମପତ୍ନୀ ମାହେଶ୍ୱତା ଆଚାର୍ଯ୍ୟ ଯୋଗଦେଇ ପ୍ରତି ବର୍ଷ ଭଳି ଗ୍ରାମର ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଆଶିର୍ବାଦ କାମନା କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ପଣା ସଂକ୍ରାନ୍ତିରେ ମଧ ସାମିଲ ହୋଇଥିଲେ। ବିଧାୟକ ଶ୍ରୀ ଆଚାର୍ଯ୍ୟ ଓଡ଼ିଆ ନବ ବର୍ଷ ଉପଲକ୍ଷେ ବିରମାଲ ଗ୍ରାମବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଅନୁରୂପ ଭାବେ ପବିତ୍ର ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ଅବସରରେ ଗୋବିନ୍ଦପୁରରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମଧ ବିଧାୟକ ଯୋଗଦେଇ ଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ନିତ୍ୟାନନ୍ଦ ନାଏକ, ଯୀଶୁକ୍ରିଷ୍ଣା ଦାସଙ୍କ ସମେତ ଗ୍ରାମର ବହୁ ଯୁବକ ଓ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଝାରବନ୍ଧ ପୁଲିସ ଦ୍ୱାରା ଗଳିତ ଶବ ଉଦ୍ଧାର

**ଝାରବନ୍ଧ ୧୩।୪(ସମିସ ):** ଝାରବନ୍ଧ ଥାନା ଅଧିନସ୍ଥ ଇସ୍କିନ୍ଦା ନିକଟ ରାସ୍ତା କଡ଼ରେ ପଡ଼ିଥିବା ଏକ ଗଳିତ ଶବକୁ ପୁଲିସ ଉଦ୍ଧାର କରିଛି। ଇସ୍କିନ୍ଦା ଗ୍ରାମର କିଛି ଲୋକ ଏକ ଅଜଣା ଶବ ରାସ୍ତା କଡ଼ରେ ପଡ଼ିଥିବା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣା ସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଝାରବନ୍ଧ ଥାନାରେ କୌଣସି ନିରୁଦ୍ଦିଷ୍ଟ ହେବାର ସୂଚନା ନଥିବାରୁ ପଡ଼ୋଶୀ ନୂଆପଡ଼ା ଜିଲ୍ଲାର ବେଲଟୁକୁରି ଥାନା ସହିତ ଯୋଗାଯୋଗ କରାଯାଇଥିଲା। ଗତ ୧୦ ଦିନ ପୂର୍ବରୁ ଟାମକିଦାଦର ଗ୍ରାମର ଉଦେ ମାଝୀ ନାମକ ଜଣେ ୭୦ ବର୍ଷୀୟ ବୃଦ୍ଧ ନିରୁଦ୍ଦିଷ୍ଟ ଥିବା ସୂଚନା ପାଇଥିଲେ। ଏହାପରେ ତାଙ୍କ ଘର ଲୋକଙ୍କୁ ଡ଼ାକି ଶବ ଚିହ୍ନଟ କରାଯାଇଥିଲା। ରବିବାର ବିଶେଷଜ୍ଞ ଦଳ ତଦନ୍ତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯିବ ବୋଲି ଝାରବନ୍ଧ ଥାନା ଅଧିକାରୀ ଶୁଚିସ୍ମିତା ମହାନ୍ତି ସୂଚନା ଦେଇଛନ୍ତି।

# ସନ୍ଥ କବିର ମୁରଲୀ ମେହେରଙ୍କ ଦେହାନ୍ତ

**ଥୁଆପାଲି, ୧୪।୪(ସମିସ):** ବରଗଡ଼ ଜିଲ୍ଲା ଥୁଆପାଲି କପାବାରୀର ସନ୍ଥ କବିର ମୂରଲି ମେହେରଙ୍କ ୬୮ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସେ ଜଣେ କୁଶଳୀ ବୁଣାକାର ଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଧର୍ମପତ୍ନୀ ଦେବକୀ



ମେହେର, ପୁତ୍ର ବିଚିତ୍ରା, ଶେଷଦେବ, ଝିଅ ପୁଷ୍ପାଞ୍ଜଳି ଓ ନାତିନାତୁଣୀ ମୃତ୍ୟୁ ବେଳେ ଉପସ୍ଥିତ ଥିଲେ। ସେ ୧୯୯୩ ରେ ସର୍ବଭାରତୀୟ ସ୍ତରରେ କଳାନିଧି ସମ୍ମାନ, ୧୯୯୫ ରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବଗୌଡ଼ା ଜାତୀୟ ପୁରସ୍କାର, ୨୦୧୨ ରେ ନରେନ୍ଦ୍ର ମୋଦୀଙ୍କ ଠାରୁ ଗୋଲ୍ଡ ମେଡାଲ ସହିତ ସନ୍ଥ କବୀର ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ଜୀବନ ସାରା ବୁଣାକାର ମାନଙ୍କ ଆର୍ଥିକ ଉନ୍ନତି ପାଇଁ ପ୍ରୟାସ ଜାରି ରଖିଥିଲେ। ନିଜ ପ୍ରଚେଷ୍ଟାରେ ତାଙ୍କ ବାସଭବନରେ ବୁଣାକାର ମାନଙ୍କୁ ତାଲିମ ପ୍ରଦାନ କରି ବହୁ ବୁଣାକାର ତିଆରି କରି ଥିଲେ। ତାଙ୍କ ଦ୍ୱାରା ତାଲିମପ୍ରାପ୍ତ ବହୁ ବୁଣାକାର ମଧ ଜାତୀୟ ସ୍ତରରେ ପୁରସ୍କାର ପାଇଛନ୍ତି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଥୁଆପାଲି, କପାବାରୀ ଓ ଝିଲିମିଣ୍ଡା ଗ୍ରାମର ବୁଣାକାର ମାନେ ଯୋଗ ଦେଇ ଦେଇ ତାଙ୍କର ଶେଷ ଦର୍ଶନ କରିଥିଲେ। ଥୁଆପାଲି ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

**ଗୋଡ଼ଭଗା ହନୁମାନ ଜୟନ୍ତୀ**

# ଖଣ୍ଡା ବୁଲାଇ ଚର୍ଚ୍ଚାରେ ବିଜେପି ସାଂସଦ ଏବଂ ବିଧାୟକ ପ୍ରାର୍ଥୀ

**ବରଗଡ଼, ୧୪।୪(ସମିସ):** ରବିବାର ଗୋଡ଼ଭଗାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ବିଜେପି ସାଂସଦ ପ୍ରାର୍ଥୀ



ପ୍ରଦୀପ ପୁରୋହିତ ଏବଂ ଅତାବିରା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ ଖଣ୍ଡା ଚାଳନା କରିଥିଲେ। ଏହା ଜିଲ୍ଲାରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ ଯେ ବରଗଡ଼ ଜିଲ୍ଲା ଗୋଡ଼ଭଗାରେ ଆଜି ହନୁମାନ ଜୟନ୍ତୀ ଉତ୍ସାହ ଉଦ୍ଦୀପନା ସହକାରେ ପାଳିତ ହୋଇଛି। ଏହି ଶୋଭାଯାତ୍ରାରେ ବିଜେପି ସାଂସଦ ପ୍ରାର୍ଥୀ ଶ୍ରୀ ପୁରୋହିତ ଏବଂ ଅତାବିରା ବିଧାୟକ ପ୍ରାର୍ଥୀ ଶ୍ରୀ ମହାନନ୍ଦ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଉଭୟ ବିଜେପି ନେତା ଖଣ୍ଡା ବୁଲାଇଥିଲେ। ଏହି ଶୋଭାଯାତ୍ରାରେ ବହୁ ବିଜେପି ଏବଂ ବଜରଙ୍ଗ ଦଳର କର୍ମୀ ସାମିଲ ହୋଇଥିଲେ।

# ବରଗଡ଼ରେ ରକ୍ତଦାନ ଶିବିର, ୩୩ୟୁନିଟ ରକ୍ତ ସଂଗ୍ରହ



**ବରଗଡ଼ ୧୪। ୪(ସମିସ):** ବରଗଡ଼ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ଦ୍ୱାରା ଆୟୋଜିତ ଗ୍ରୀଷ୍ମ କାଳୀନ ରକ୍ତଦାନ ଶିବିରରେ ୩୩ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ପବିତ୍ର ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ମହୋତ୍ସବ ଅବସରରେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ଓ ପୋଡ଼ମୁଣ୍ଡା, ନୂଆପାଲି ମାଁ ଭବାନୀ କଲ୍ୟାଣ ସଂଘର ମିଳିତ ଆନୁକୂଲ୍ୟରେ ପୋଡ଼ମୁଣ୍ଡା ହନୁମାନ ମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ବରଣ୍ୟ ଅତିଥି ଓଡ଼ିଶା ମୋ ପରିବାର ସଂଯୋଜକ ଗୌରହରି ମିଶ୍ର ଓ ମନ୍ଦିର ପୂଜକ ଭରତ ସାହୁ ଉଦ୍‌ଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିବା ବେଳେ ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ଜି. ରମେଶ ସମେତ ସମସ୍ତ ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପୋଡ଼ମୁଣ୍ଡା ଗ୍ରାମର ସୁରେନ୍ଦ୍ର ଭୁଏ, ଦେବେନ୍ଦ୍ର ଭୁଏ, ଭରତ ସାହୁ, ଦିଗାମ୍ବର ଭୁଏ, ପ୍ରତାପ ବିଶ୍ୱାଳ ପ୍ରମୁଖ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ଅତ୍ୟାଧିକ ଗରମ କାରଣରୁ ରକ୍ତଭଣ୍ଡାର ଗୁଡ଼ିକରେ ରକ୍ତର ଘୋର ଅଭାବ ପରିଲକ୍ଷିତ ହେଉଥିବାରୁ ଶିବିରରୁ ସଂଗୃହିତ ରକ୍ତ ଲୋକଙ୍କ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିବ ବୋଲି ମତପ୍ରକାଶ ପାଇଛି।

# ପଦ୍ମପୁରରେ ଆମ୍ବେଦକରଙ୍କ ଜୟନ୍ତୀ

**ପଦ୍ମପୁର, ୧୪।୪ (ସମିସ):** ଆଜି ବରଗଡ଼ ଜିଲ୍ଲା ପଦ୍ମପୁର ଠାରେ ଉପଖଣ୍ଡ ସ୍ତରୀୟ ଆମ୍ବେଦକର ଜୟନ୍ତୀ ପାଳନ କମିଟି ତରଫରୁ ଆମ୍ବେଦକର ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ରାଜବୋଡ଼ାସମ୍ବର ପଡ଼ିଆ ଠାରୁ ଏକ ଭବ୍ୟ ବିଶାଳ ଶୋଭାଯାତ୍ରା ଆମ୍ବେଦକର ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ପାଇକମାଲ, ଝାରବନ୍ଧ, ଗାଇସିଲାଟ, ବିଜେପୁର, ସୋହେଲା ଓ ପଦ୍ମପୁର ବ୍ଲକ ଅଞ୍ଚଳର ହଜାର ହଜାର ଯୁବକ ଯୋଗଦାନ କରିଥିଲେ। ଏହି ଶୋଭାଯାତ୍ରାରେ ପାରମ୍ପାରିକ ଗଣ୍ଡା ବଜାର ୧୦ ଟି ଦଳ ଯୋଗଦାନ କରି ବାଦ୍ୟ ପରିବେଷଣ କରିଥିଲେ। ଏହି ପାରମ୍ପାରିକ ଗଣ୍ଡା ବଜା ଓ ବାବା ସାହେବଙ୍କ ସ୍ଲୋଗାନରେ ପଦ୍ମପୁର ମୁଖରିତ ହୋଇଥିଲା। ଉକ୍ତ ଶୋଭାଯାତ୍ରା ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ପହଁଚିଲା ପରେ ସମାଜିକ କାର୍ଯ୍ୟକର୍ତା ଗୋପବନ୍ଧୁ ଶିକାଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଭୋଜରାଜ ବାଗ, ମହେଶ ବାଗ, କୁଶ ତାଣ୍ଡି, ସରୋଜ ସୁନା, ଚୈତନ୍ୟ ଲୁହାର ପ୍ରମୁଖ ବାବା ସାହେବଙ୍କର ଜୀବନ ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚନ୍ଦ୍ରହାସ୍ୟ ଜାଲ, ରମେଶ ଗୁର୍ଲା, ସୋନୁ ବାଗ, ସୁଜନ ବାଗ, କୈଳାସ କୁମ୍ଭାର, ଗୋବର୍ଦ୍ଧନ ଛତର, ଗୋପବନ୍ଧୁ ସୁନା, ଗୋବିନ୍ଦ ତାଣ୍ଡି, ପିତାମ୍ବର ବାଗ ପ୍ରମୁଖ ସହଯୋଗ କରିଥିଲେ।

**ଭାଇଚାରାର ଅନନ୍ୟ ନିଦର୍ଶନ**

# ହନୁମାନ ଜୟନ୍ତୀରେ ସର୍ବତ ବାଣ୍ଟିଲେ ମହମ୍ମଦ ଇମତିଆଜ

**ବରଗଡ଼, ୧୪।୪(ସମିସ)**

ରବିବାର ଉତ୍ସାହ ଉଦ୍ଦୀପନା ସହକାରେ ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷ ପାଳିତ ହୋଇଯାଇଛି। ଏ ଅବସରରେ ବରଗଡ଼ ସହରରେ ବିଭିନ୍ନ ହନୁମାନ ମନ୍ଦିର ତଥା ଶକ୍ତି ପୀଠରେ ପୂଜାର୍ଚ୍ଚନା ହେବା ସହ ପଣା, ସରବତ ବଣ୍ଟନ କରାଯାଇଥିଲ।। ତେବେ ବରଗଡ଼-ଭେଡେନ ରାସ୍ତାରେ ହନୁମାନ ଜୟନ୍ତୀ ଅବସରରେ ମୁସଲିମ ଯୁବକ ମହମ୍ମଦ ଇମତିଆଜ ସରବତ ବଣ୍ଟନ କରି ହିନ୍ଦୁ-ମୁସଲିମଙ୍କ ନିଆରା ଭାଇଚାର ପ୍ରଦର୍ଶନ କରିଛନ୍ତି। ଇମତିଆଜ ଗତ ୩ ବର୍ଷ ଧରି ଭେଡେନ ରାସ୍ତାର ପୁରୁଣା ରିଜର୍ଭ ପୁଲିସ ସମ୍ମୁଖରେ ହନୁମାନ ଜୟନ୍ତୀ ଅବସରରେ ସରବତ ବଣ୍ଟନ କରି ଆସୁଛନ୍ତି। ଚଳିତ ବର୍ଷ ଇମତିଆଜ ପଥଚାରୀମାନଙ୍କୁ ସରବତ ସହ କ୍ଷୀରି ମଧ ବଣ୍ଟନ କରିଥିଲେ। ସମସ୍ତେ ଭାଇଚାରା ଭାବେ ରହିବା ସହ ହିନ୍ଦୁ-ମୁସଲିମ ଏକ ବୋଲି ଏ ଅବସରରେ ସମାଜକୁ ସନ୍ଦେଶ ଦେଇଛନ୍ତି ମହମ୍ମଦ ଇମତିଆଜ। ଏହା ସହ ଆମେ ସମସ୍ତେ ଭାରତୀୟ ଏବଂ ଈଶ୍ୱର ଆଲ୍ଲା ଏକ ଅଟନ୍ତି ବୋଲି ମହମ୍ମଦ ଇମତିଆଜ କହିଛନ୍ତି।



## ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି



**ଝାରସୁଗୁଡ଼ା, ୧୪।୪(ସମିସ):** ବେଲପାହାଡ଼ ସହର ଓ ଲଖନପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଓଡ଼ିଆ ନବବର୍ଷ ତଥା ପବିତ୍ର ମହାବିଷୁବ (ପଣା) ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପଣା ବିତରଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବେଲପାହାଡ଼ ବିଜେପି ମଣ୍ଡଳ ପକ୍ଷରୁ ଗୁମାଡେରାଠାରେ ମହାବିଷୁବ (ପଣା) ସଂକ୍ରାନ୍ତି ପାଳିତ ହୋଇଥିଲା। ପଥଚାରୀଙ୍କୁ ପଣା ବିତରଣ କରାଯାଇଥିଲା। ଆୟୋଜନରେ ବେଲପାହାଡ଼ ବିଜେପି ମଣ୍ଡଳ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରମୋଦ ସେନାପତି, ତପନକାନ୍ତ ଜେନା, ସଞ୍ଜୟ ସିଂ, ପ୍ରେମପ୍ରକାଶ ସିଂ, ପ୍ରଚଣ୍ଡ ଜୟସ୍ୱାଲ, ରମେଶ ଜୟସ୍ୱାଲ, ଦେବେନ୍ଦ୍ର ରାଉତ, ରତ୍ନାକର ସୁନା, ମନୋଜ ସିଂ, ସୁନୀଲ ସିଂ ପ୍ରମୁଖ ଅନେକ ବିଜେପି କର୍ମୀ ସାମିଲ ରହିଥିଲେ।

# ଢୋଲ ଓ ମୃଦଙ୍ଗ ଦେଇଛି ପରିଚୟ

### କୌଳିକ ବୃତ୍ତି ବଞ୍ଚାଇଛି ମିଶନ ଶକ୍ତି

ଝାରସୁଗୁଡ଼ା, ୧୪।୪(ସମିସ)

ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାରେ ଏମିତି ଅନେକ ଗାଁ ଓ ପରିବାର ଅଛନ୍ତି ଯେଉଁମାନେ ନିଜ କୌଳିକ ବୃତ୍ତିକୁ ଛାଡ଼ିନାହାନ୍ତି। ଏହି କୌଳିକ ବୃତ୍ତିକୁ ମୁଖ୍ୟମନ୍ତ୍ରୀ ଚିହ୍ନିପାରି ଏମାନଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ କରି ଋଣ ଦେଇ ଏମାନଙ୍କର ବୃତ୍ତିକୁ ସ୍ୱିକୃତି ଦେବା ସହିତ ସହାୟକ ହୋଇଛନ୍ତି। ପିଢ଼ି ପିଢ଼ି ଧରି ଏକାଧିକ ପରିବାର ଢୋଲ ମୃଦଙ୍ଗ ନିର୍ମାଣ କରି ଆସୁଥିବା ବେଳେ ଢୋଲ ମୃଦଙ୍ଗ ହିଁ ଅଞ୍ଚଳକୁ ଦେଇଛି ନୂତନ ପରିଚୟ। ଝାରସୁଗୁଡା ଜିଲ୍ଲା କୋଲାବିରା ବ୍ଲକ ରଘୁନାଥପାଲି ପଞ୍ଚାୟତ ଅନ୍ତର୍ଗତ ପାଇକପଡ଼ା ଗ୍ରାମର ଏକାଧିକ ପରିବାର ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଋଣ ଆଣି ଢୋଲ ମୃଦଙ୍ଗ ନିର୍ମାଣରେ ପୁଞ୍ଜି ନିବେଶ କରୁଥିବା ବେଳେ ଏଥିରୁ ଉପାର୍ଜିତ ଅର୍ଥ ସେମାନଙ୍କ ପରିବାରର ଆର୍ôଥିକ ସ୍ଥିତି ସୁଦୃଢ ହେବାରେ ସହାୟକ ହୋଇଛି। ତେବେ ଅନେକ ପରିବାର ବିନା ଋଣରେ ମଧ୍ୟ ନିଜସ୍ୱ ଅର୍ଥ ବିନିଯୋଗ କରି ପାରମ୍ପରିକ ପଦ୍ଧତିରେ ଉତ୍ପାଦନ କରୁଥିବା ଜଣାପଡ଼ିଛି। ମିଶନ ଶକ୍ତି ପକ୍ଷରୁ ଆର୍ଥିକ ସହାୟତା ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ସହାୟତା ଦେଇଥିବାରୁ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ଆର୍ôଥିକ ସହାୟତା ପାଇ ନ ଥିବା କେତେକ ମହିଳା ସହାୟତା ପାଇଁ ରାଜ୍ୟ ସରକାରଙ୍କ ଠାରେ ଅନୁରୋଧ କରିଛନ୍ତି। ଢୋଲ ମୃଦଙ୍ଗ ତିଆରି ପାଇଁ କଞ୍ଚାମାଲ ଭାବେ ମାଟିର ଖୋଳ୍ପା, ଚମଡ଼ା ଓ ପ୍ଲାଷ୍ଟିକ ରଶି ଭିନ୍ନଭିନ୍ନ ସ୍ଥାନରୁ କିଣି ଏହାର ନିର୍ମାଣ ପ୍ରକ୍ରିୟା ଆରମ୍ଭ କରାଯାଇଥାଏ। ତିନିରୁ ଚାରିଦିନର ପରିଶ୍ରମ ପରେ ନିର୍ମାଣ ପୁରା ହେବା ପରେ ଏହାକୁ ୫ରୁ ୬ ହଜାର ଟଙ୍କାରେ ବିକ୍ରି କରାଯାଉଥିବା ପ୍ରକାଶ କରିଛନ୍ତି ଉର୍ବଶୀ ବନଛୋର, ଲଳିତା ବାରଭାୟା, ବୃନ୍ଦାବତୀ ବନଛୋର। ପୂର୍ବରୁ ମୃଦଙ୍ଗ ତିଆରି କରିବାକୁ ଲଗାଣ ଅର୍ଥର ମଧ୍ୟ ଅସୁବିଧା ରହିଥିଲା। ଆମ ପାଖରେ କାମଥିଲା କିନ୍ତୁ କଞ୍ଚାମାଲ କିଣିବା ପାଇଁ ଅର୍ଥ ଅଭାବ ରହିବାରୁ ଆମେ ମୃଦଙ୍ଗ, ଢୋଲ, ମାଦଳ, ଖୋଲ, ନିଶାନ ତିଆରି କରିବାରେ ଅସମର୍ଥ ହୋଉଥିଲୁ। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ଜରିଆରେ ଋଣ ଦେଇ ସହାୟତାର ହାତ ବଢ଼ାଇଥିବାରୁ ଆମେ ଆମର କୌଳିକ ବୃତ୍ତି ସଠିକ ଭାବରେ ପରିଚାଳନା କରିବା ସହିତ ଅନେକ ମାତ୍ରାରେ ଆର୍ଥିକ ଲାଭବାନ ହେଇ ପାରିଛୁ ବୋଲି ଅମୁଲ୍ୟ ବନଛୋର କହିଛନ୍ତି।



## ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରେରିତ ହେବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି

**ଝାରସୁଗୁଡ଼ା, ୧୪।୪(ସମିସ):** ମହାନାୟକ ଆମ୍ବେଦକରଙ୍କ ତତ୍କାଳୀନ ଚିନ୍ତାଧାରା ଆଜି ସମୟରେ ମଧ୍ୟ ପ୍ରାସଙ୍ଗିକତା ବହନ କରେ। ଭେଦଭାବ ବିହୀନ ସମାଜ ଗଠନ ସକାଶେ ଆନ୍ତରିକତା ଜରୁରୀ ବୋଲି ଜିଲ୍ଲାସ୍ତରୀୟ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ସଭାରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି। ଡିଏମ୍‌ଏଫ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ସଭାରେ ଯୋଗଦେଇ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ବାବା ସାହେବଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସଂକୀର୍ଣ୍ଣତା ଭିତରେ ସୀମାବଦ୍ଧ ନ ରହି ଭବିଷ୍ୟତର ସ୍ୱପ୍ନକୁ ପୂରଣ କରିବା ସକାଶେ କିଛି ବଡ଼ ଚିନ୍ତା କରିବା ସହ ମାନସିକତାରେ ପରିବର୍ତ୍ତନ ଆଣିବା ଜରୁରୀ ବୋଲି ମତବ୍ୟକ୍ତ କରିଛନ୍ତି। ସମ୍ବିଧାନ ପ୍ରଣୟନ ଓ ଦେଶ ପ୍ରଗତିରେ ଆମ୍ବେଦକରଙ୍କ ଭୂମିକା ଉପରେ ଅତିଥିଗଣ ଆଲୋକପାତ କରିଥିଲେ। ଜଣେ ରାଜନୈତିକ ନେତା, ଦାର୍ଶନିକ, ଲେଖକ, ଅର୍ଥଶାସ୍ତ୍ରୀ, ନ୍ୟାୟବିତ, ସମାଜ ସୁଧାରକ ଡ.ଭୀମରାଓ ଆମ୍ବେଦକର ଭାରତୀୟ ସମାଜରେ ସମାନତା ଆଣିବା ପାଇଁ ଅନେକ ପ୍ରୟାସ କରିଥିଲେ ବୋଲି ଅତିଥିମାନେ କହିଥିଲେ। ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମଦନାନନ୍ଦ ସେଠ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭୁବନାନନ୍ଦ ବାଗ, ରବୀନ୍ଦ୍ର ନିଆଲ, ଜଗନ୍ନାଥ ରାଉତ ଓ ଗୋପାଳ ବେରିହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସକାଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁନାରୀମୁଣ୍ଡା ଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



**ବ୍ରଜରାଜନଗର:** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆର୍ କଟାପାଲିରେ ଭାରତରତ୍ନ ଡ. ବାବା ସାହେବ୍ ଆମ୍ବେଦକରଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ପୂର୍ବତନ ସମିତି ସଭ୍ୟ ଗଣେଷ ରାମ ବାଗ, କେଦାର କଟା, ହରିଶଙ୍କର କଟା, ପରାଧୀନ ତନ୍ତୀ, ରଞ୍ଜନ ମହାନନ୍ଦ, ସ୍ୱାଧିନ ତନ୍ତୀ, କେଶବ ତନ୍ତୀ, ଗଗନ କଟା, ଇନ୍ଦ୍ରମଣି କଟାଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ପ୍ରଣତି ପଟ୍ଟନାୟକ, ଛାତ୍ରଛାତ୍ରୀମାନେ ଆମ୍ବେଦକରଙ୍କ ବହୁମୁଖୀ ଗୁଣାବଳୀ ସମ୍ପର୍କରେ ଉଲ୍ଲେଖ କରିବା ସହ ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅସ୍ପୃଶ୍ୟତା ଦୂରୀକରଣ ପାଇଁ ମିଳିତ ପ୍ରଚେଷ୍ଟାର ଆବଶ୍ୟକତା ରହିଛି ଓ ଦେଶର ଅଖଣ୍ଡତା ବଜାୟ ରଖିବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ବୋଲି ଅତିଥିମାନେ ଉଲ୍ଲେଖ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ

**ବ୍ରଜରାଜନଗର:** ବ୍ରଜରାଜନଗର ଜିଏମ କମ୍ପ୍ଲେକ୍ସ ସ୍ଥିତ ରବୀନ୍ଦ୍ରଭବନ ଠାରେ ମହାନଦୀ କୋଇଲା କମ୍ପାନୀ ଅଧୀନସ୍ଥ ଇବ୍‌ଭ୍ୟାଲି କୋଇଲା କ୍ଷେତ୍ରରେ ଥିବା କୋଲ୍ ଇଣ୍ଡିଆ ଏସସିଏସଟି ଏମ୍ପ୍ଲଇଜ ଆସୋସିଏସନ୍ ସିଷ୍ଟା ଆନୁକୂଲ୍ୟରେ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଇବ୍ କୋଲ୍ ଫିଲ୍ଡ ସିଷ୍ଟାର ସଭାପତି ଅକାଲୁ ରାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଇବଭ୍ୟାଲି କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଧ କୁମାର ପାଣ୍ଡେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ମଣ୍ଡଳିଆ କେନ୍ଦ୍ରୀୟ ଚିକିତ୍ସାଳୟର ମୁଖ୍ୟ ଡା. ଅନିଲ କୁମାର, ଇବ୍ ଚିକିତ୍ସାଳୟର ଡା. କପିଳ ଭୋୟାର ଯୋଗଦାନ କରିଥିଲେ।ମଞ୍ଚାସୀନ ଅତିଥି ମାନେ ଦୀପ ପ୍ରଜ୍ୱଳନ କରି ବାବା ସାହେବ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ସହିତ ବାବା ସାହେବ ଆମ୍ବେଦକର ସ୍ମୃତିଚାରଣ କରି ତାଙ୍କର ଜୀବନ ଉପରେ ଭାଷଣ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ। ଇବ୍ ଭ୍ୟାଲି ଏରିଆ ଜିଏମ ୟୁନିଟ ସଭାପତି ଚନ୍ଦ୍ର କିଶୋର ଗଣ୍ଡ, ସାଧାରଣ ସମ୍ପାଦକ ରବି ରୋହିଦାଶ, ଅରିନ୍ଦମ ମଲ୍ଲିକ, ଦୀପକ କୁମାର, ଜୟଦେବ କୁମ୍ଭାର ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମଲେଶ୍ୱରୀ ଖୋଲା ମୁହଁ କୋଇଲା ଖଣି ୟୁନିଟ ସମ୍ପାଦକ ଭୀମସେନ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଇବ୍ ଭ୍ୟାଲି ୟୁନିଟ କୋଷାଧ୍ୟକ୍ଷ ବିନୋଦ ବିହାରୀ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।






## ବିଜେଡିରେ ମିଶିଲେ ଅନ୍ୟ ଦଳର ଶତାଧିକ କର୍ମୀ

**ଝାରସୁଗୁଡ଼ା, ୧୪।୪(ସମିସ) :** ବିଜୁ ଜନତା ଦଳ ପକ୍ଷରୁ ସରବାହାଲ ସୁନାରୀମୁଣ୍ଡାସ୍ଥିତ ଉତ୍କଳ କଣ୍ଟିନେଣ୍ଟାଲ ହୋଟେଲଠାରେ ମିଶ୍ରଣପର୍ବ ଆୟୋଜନ କରାଯାଇଥିଲା। ଏଥିରେ ବଶିଷ୍ଠ ନେତା ତାପସ ରାୟ ଚୌଧୁରୀ ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ବିଧାୟିକା ଦିପାଳୀ ଦାସ ଓ ଜିଲ୍ଲା ସଭାପତି ରବି ସିଂ, ପୌରପରିଷଦ ଅଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେନୁଗୋପାଲ ପାଣିଗ୍ରାହୀ, ହରିଶ ଗଣତ୍ରା, ପି ରାମ ମୋହନ ରାଓ, ସୂର୍ଯ୍ୟକାନ୍ତି ମହାପାତ୍ର, ନାଗେଶ୍ୱରୀ, ଜୟ ପ୍ରକାଶ କୁଆଁର, ତୁଳସୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଛବି ଓ ଶାସନ ତଥା ସ୍ୱର୍ଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଝାରସୁଗୁଡ଼ା ଜିଲ୍ଲା ନୂତନ ନିର୍ମାଣ ଓ ବିଧାୟିକା ଦିପାଳୀ ଦାସଙ୍କ ଉନ୍ନତୀମୂଳକ କାର୍ଯ୍ୟରୁ ପ୍ରେରିତ ହୋଇ ଶତାଧିକ ବିଜେପି କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସାମିଲ ହୋଇଥିବା କର୍ମୀ ମାନଙ୍କ ମଧ୍ୟରେ ପୌରାଞ୍ଚଳର ସଶକ୍ତ ନେତ୍ରୀ ରୁବୀନା ଖାନ ପୁଣି ବିଜେଡି କୁ ଫେରି ଆସିଛନ୍ତି। ସେ ତାଙ୍କ ସାଥିରେ ୫୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀଙ୍କୁ ଆଣି ବିଜେଡି ରେ ସାମିଲ କରିଛନ୍ତି। ଏହା ସହ ଆଜିର ଏହି ମିଶ୍ରଣ ପର୍ବରେ ୫, ୬/୭/୮ ନମ୍ବର ୱାର୍ଡର ରୁବିନା ଖାଁ ଓ ରବି ରଞ୍ଜନ ରାୟଙ୍କ ନେତୃତ୍ୱ ରେ ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେପି ଓ କଂଗ୍ରେସ ଛାଡି ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ମିଶ୍ରଣ ପର୍ବରେ ନାଜିର ବେଗମ, ସିତାନା ବେଗମ, ଗୁଲାସା ଖାତୁନ, ସପନା ସା, ବବିତା ସା, ତୁଳସୀ ମାଝୀ, ଜାନକୀ ଦେବୀ, କଳ୍ପନା ତନ୍ତୀ, କିଶୋରୀ ନିଖଣ୍ଡିଆ, ରଜନୀ ବାଗ, ମନିଶ ରାୟ, ସତ୍ୟଜିତ ଚୌଧୁରୀ, ରାକେଶ ଦାସ, ହିମାଂଶୁ ନାଗ, ଦିପୁ ଝା, ସୁଧିର ଭୋଲ, ସୁମିତ ପାତ୍ର, ଗୋବିନ୍ଦ ସିଂ, ପୀୟୁଷ ଶର୍ମା ଙ୍କ ସମେତ ଶହ ଶହ ବଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।



## ଦିନସାରା ଜଳୁଛି ଷ୍ଟ୍ରିଟ୍ ଲାଇଟ୍

**ଝାରସୁଗୁଡ଼ା, ୧୪।୪(ସମିସ):** ଝାରସୁଗୁଡ଼ା ସହରର ସରବାହାଲ ଓଭର ବ୍ରିଜ ଷ୍ଟ୍ରିଟ ଲାଇଟ୍ ଦିନ ତମତମ ଜଳୁଥିବା ଅଭିଯୋଗ ହେଉଛି। ଏମିତିକି କେତେକ ସମୟରେ ଦିନ ସାରା ଏହି ଲାଇଟ ଜଳୁଥିବାବେଳେ ରାତିରେ ଲିଭି ଯାଉଥିବା ମଧ୍ୟ ଦେଖିବାକୁ ମିଳିଛି। ଗତ ଫେବୃଆରୀ ମାସ ୨୬ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମୋଡରେ ଓଭର ବ୍ରିଜର ଉଦ୍‌ଘାଟନ କରିଥିଲେ।



## ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ଓ ପଣାବଣ୍ଟନ



**ଦେବଗଡ଼, ୧୪।୪(ସମିସ):** ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆଜି ପବିତ୍ର ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ସହ ଓଡ଼ିଆ ନବ ବର୍ଷ ପାଳିତ ହୋଇଛି। ଏହି ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଣାବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଛି। ପୁରୁଣାଗଡ଼ ଓଲଟବଟ ସ୍ଥିତ ପଞ୍ଚମୁଖି ହନୁମାନ ମନ୍ଦିର, ଗୋପାଳଜୀଉ ମନ୍ଦିର, ଜେଲଛକସ୍ଥିତ ହନୁମାନ ମନ୍ଦିର, କଚେରି ଛକସ୍ଥିତ ହନୁମାନ ମନ୍ଦିର, ଦେବଗଡ଼ ଥାନା ଛକସ୍ଥିତ ବଜରଙ୍ଗ ମଣ୍ଡପ ସମେତ ବିଭିନ୍ନ ମନ୍ଦିରରେ ସକାଳୁ ହୋମଯଜ୍ଞ ହୋଇଥିଲା। ସନ୍ଧ୍ୟାରେ ପୁରୁଣାଗଡ଼ ପଞ୍ଚମୁଖି ହନୁମାନ ବଜରଙ୍ଗ କମିଟି ପକ୍ଷରୁ ଏକ ବାଇକ ଶୋଭାଯାତ୍ରା ହୋଇଥିବାବେଳେ ଗୋପାଳଜୀଉ ମନ୍ଦିରଠାରୁ ବଜରଙ୍ଗ କମିଟି ପକ୍ଷରୁ ଏକ ଆଖଡ଼ା ଶୋଭାଯାତ୍ରା ନଗରପରିକ୍ରମା କରିବା ସହ ବିଭିନ୍ନ ସାହି ଛକରେ ସମର କଳା ପ୍ରଦର୍ଶନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଆମ୍ବେଦକର ଜୟନ୍ତୀ

ଝାରସୁଗୁଡ଼ା, ୧୪।୪(ସମିସ)

ଆମ୍ବେଦକରଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ଅବସରରେ ଝାରସୁଗୁଡା ଜିଲ୍ଲା ବିଜେଡି ଏସି ସେଲ ସଭାପତି ଜୟ ପ୍ରକାଶ କୁଅଁରଙ୍କ ସଭାପତିତ୍ୱରେ ସୁନାରିମୁଣ୍ଡା ଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଝାରସୁଗୁଡା ବିଧାୟିକା ଦୀପାଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେଡି ଜିଲ୍ଲା ସଭାପତି ରବି ସିଂ, ତାପସ ରାୟ ଚୌଧୁରୀ, ସନ୍ଦୀପ ଅଗସ୍ତି, ହରିଶ ଗଣତ୍ରା, ତୁଳସୀ ପ୍ରାସାଦ ଦାଶ, ପିଣ୍ଟୁ ପାଢ଼ୀ, ଆଇନଜୀବୀ ଜିଲ୍ଲା ବାର ଏସୋସିଏସନ ସଭାପତି ରାଧାକାନ୍ତ ସା, ଆଇନଜୀବୀ ବି.ନାଗେଶ୍ୱରୀ, ନୀଳାମ୍ବର ଦସଂନା, ଟଙ୍କ ରୋହିଦାସ, ହଜାରୀ ରୋହିଦାସ, ଅରବିନ୍ଦ ବାରିକ, ରାଜା ଦାଶ, କାଉନସିଲର ଗୀତାଞ୍ଜଳି ପଣ୍ଡା, ନବନିତ୍ କୌର, ମୀନା ଭୋମୀକ, ଦୀପା ନାୟକ, ରଜନୀ ଜୟପୁରିଆ, ଘଷୁ ସାହା, ସଞ୍ଜୁ ପଟ୍ଟନାୟକ, ଓଡ଼ିଶା ପ୍ରଦେଶ ଲକ୍ଷେ ଘର ଜାତି ସମାଜ ମହାସଂଘ ଝାରସୁଗୁଡା ଜିଲ୍ଲାର ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ଜେ ଗର୍ଡ଼ିଆ, ମୁକ୍ତେଶ୍ୱର ଦାସ, ପ୍ରମୁଖଙ୍କ ସମେତ ବିଜେଡିର ଅନେକ କର୍ମୀ ଓ ନେତା ଉପସ୍ଥିତ ଥିଲେ। ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ାର ରାଜନୀତି ବିଜ୍ଞାନ ଓ ଜାତୀୟ ସେବା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଭାରତ ରତ୍ନ ତଥା ଭାରତୀୟ ସମ୍ବିଧାନର ପ୍ରଣେତା ବାବା ସାହେବ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ ସ୍ନେହଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଥିଲେ। ପ୍ରାଧ୍ୟାପକ ତପନ କୁମାର ବାରିକ, ପ୍ରଧ୍ୟାପିକା ପୂର୍ଣ୍ଣିମାମୟୀ ଦାସ, ଅଧ୍ୟାପକ ଡ ଲାଲଧାରୀ ସିଂ ଓ ପ୍ରାଧ୍ୟାପିକା ଡ ସ୍ୱର୍ଣ୍ଣମୟୀ ପୁରୋହିତ ଭାଗ ନେଇଥିଲେ।




**ଦେବଗଡ଼ :** ତିଳେଇବଣି ବ୍ଲକ ଅଧୀନ ବାରଗାଡିଆ ଗ୍ରାମ ଠାରେ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ପ୍ରବୋଧ କୁଜୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲ୍ଲା ଆଦିବାସୀ ସଂଘର ସଭାପତି ସେମ୍ ହେମ୍ରାମ, ମୁଖ୍ୟବକ୍ତା ଇଂ.ଦେବାଶିଷ ଗୌତମ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷକ ସୌଭାଗ୍ୟ ପାତ୍ର, ଲିଙ୍ଗରାଜ ମହାନନ୍ଦ, କେଦାର ଲୁହା, ସୁରମଣି ସୁନାନି ଏବଂ ପ୍ରବୋଧ ନାଏକ ମଞ୍ଚାସିନ ଥିଲେ। ଆମ୍ବେଡକର ଜୟନ୍ତୀ କମିଟିର ସଭାପତି ଲାଜରୁସ୍ ଟପୋ ଓ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଫୁଲ୍ଲ ଦୀପ ଉପସ୍ଥିତ ଥିଲେ।





**ଦେବଗଡ଼ :** ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ସୂଚନା କେନ୍ଦ୍ର ଠାରେ ଆଜି ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପରକ୍ଷିତ ସାହୁ, ସମ୍ମାନିତ ଅତିଥି ଭାବେ ତହସିଲଦାର କର୍ଣ୍ଣମଲ୍ଲିକ, ସହକାରୀ ଜିଲ୍ଲାପାଳ ତାପସ କୁମାର ମହାନ୍ତ, ଆଇନଜୀବୀ ମନୋଜ ପାଢ଼ୀ, ଓ ମୁଖ୍ୟବକ୍ତା ଭାବେ ଆଇନଜୀବୀ ଦିଲୀପ ଗୁରୁ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ପ୍ରଫୁଲ୍ଲ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ମାର୍କେଣ୍ଡେଶ୍ୱର ଶତପଥୀ, ନିରଞ୍ଜନ ଦ୍ୱିବେଦୀ, ମିତ୍ରଭାନୁ ମହାପାତ୍ର, ସୁଧିର କପରଦାର, ଡ. ଭାରତଭୂଷଣ ନନ୍ଦ, ଚିତ୍ତରଞ୍ଜନ ଦାସ, ତନ୍ମୟ ମହାନ୍ତି, ପ୍ରଫୁଲ୍ଲ ନାଏକ, ଅଧ୍ୟାପକ ସୁନୀଲ କୁମାର ଦାସ, ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ମୁରଲୀଧର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁମାଡେରା ଚୈତ୍ର ଛଟ୍‌ପୂଜା ପାଇଁ ଉତ୍ସବମୁଖର



**ଝାରସୁଗୁଡ଼ା, ୧୪।୪(ସମିସ):** ଗୁମାଡେରା ମାଲିପଡ଼ାସ୍ଥିତ ବଡ଼କଁଟା (ପୋଖରୀ) ପରିସରରେ ଚୈତ୍ର ମାସର ଛଟ୍ ପୂଜା ରବିବାର ପାଳିତ ହୋଇଯାଇଛି। ୧୫ ତାରିଖ ସକାଳେ ସୂର୍ଯ୍ୟ ଦେବତାଙ୍କ ଉଦୟ ସମୟରେ ଦ୍ୱିତୀୟ ଅର୍ଘ୍ୟ ପୂଜା ସମାପ୍ତ ହେବ। ଏହି ପୂଜା ପାଇଁ ପୋଖାରୀ ପରିସର ଉତ୍ସବମୁଖର ହୋଇଉଠିଛି। ଆଜି ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରବର୍ତ୍ତୀ ସମୟରେ ମାମସିକ ପୂରଣ ହୋଇଥିବା ଶତାଧିକ ବିହାରୀ ସମ୍ପ୍ରଦାୟର ମହିଳାମାନେ ନିଜ ପରିବାର ସହିତ ମାଲିପଡ଼ା ପୋଖରୀରେ ଯୋଗଦେଇ ଛଟିମାତା ଓ ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଆୟୋଜକ ସୂର୍ଯ୍ୟମନ୍ଦିର ତଥା ଛଟ୍ ପୂଜା କମିଟିର ମୁଖ୍ୟ ପୃଷ୍ଠପୋଷକ ପୌର ନଗରପାଳ ନିମାଇଁ ଚରଣ (ବୁଲୁ) ପଣ୍ଡା, ଗୌନ୍ତିଆ ଦୁବରାଜ ନାଏକ, ସଭାପତି ବବନ ସିଂ, ଉପସଭାପତି ମନିସ ସିଂ, ସୁରେଶ ସିଂ, ସାଧାରଣ ସମ୍ପାଦକ ରାଜେଶ ଶର୍ମା, ଯୁଗ୍ମ ସମ୍ପାଦକ ମୋନୁ ପ୍ରସାଦ, ଆଶୁତୋଷ ରାଏ, କୋଷାଧ୍ୟକ୍ଷ ଧନଞ୍ଜୟ ସିଂ, ଉପଦେଷ୍ଟା ମକରଧ୍ୱଜ ଚୌବେ, ମହାଦେବ ଠାକୁରଙ୍କ ସମେତ ଧରମବୀର ଶର୍ମା, ଶ୍ରୀରାମ ଦୁବେ, ପ୍ରେମପ୍ରକାଶ ସିଂ, ଜିତେନ୍ଦ୍ର ଯାଦବ, ଦୁର୍ଗା ଶର୍ମା, ହରିଶଙ୍କର ଗୁପ୍ତା, ବିରେନ୍ଦ୍ର ମହାରାଜ, ଅରବିନ୍ଦ ଗୁପ୍ତା, ଦୀନେଶ ସିଂ, ସୂର୍ଯ୍ୟ ପ୍ରକାଶ ପାଲ, ଅଜୟ ଝା ପ୍ରମୁଖ ସହଯୋଗ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ପାଳିତ





**କଣ୍ଟାମାଳ, ୧୪।୪(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ଘଣ୍ଟାପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତୀ ଓ ଓଡ଼ିଆ ନବ ବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଘଣ୍ଟାପଡ଼ା ଶ୍ରୀରାମ ମଣ୍ଡପରେ ଗୀତାଯଜ୍ଞ ସହ ୧୦୮ ହନୁମାନ ଚାଳିଶା ପାଠ ଓ ଘଣ୍ଟାପଡ଼ାସ୍ଥିତ ଶିବ ମନ୍ଦିରରେ ପଣା ସଂକ୍ରାନ୍ତୀ ସହ ଓଡ଼ିଆ ନବ ବର୍ଷ ପାଳିତ ହୋଇଯାଇଛି। ସେହିପରି ଆମ୍ବଗାଁରେ ଭଗତ ସିଂ ପ୍ରଭାତ ଶାଖା ଓ ବଜରଙ୍ଗ ଦଳ ତରଫରୁ ଏକ ବାଇକ୍ ରାଲି ଅଞ୍ଚଳର ପ୍ରତ୍ୟେକ ହନୁମାନ ମନ୍ଦିରକୁ ଯାଇ ସଦଭାବନାର ବାର୍ତ୍ତା ପହଞ୍ଚାଇଥିଲା। ସେହିପରି ଖୁଣ୍ଟିଗୋରା ପଞ୍ଚାୟତର ମସିଣାଗୋରା ହନୁମାନ ମଣ୍ଡପରେ ଗୀତାଯଜ୍ଞ ଓ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ସନ୍ଧ୍ୟା ସମୟରେ କଣ୍ଟାମାଳ ବଜରଙ୍ଗ ଦଳ ତରଫରୁ ଏକ ବିରାଟ ଶୋଭାଯାତ୍ରା ସମଗ୍ର କଣ୍ଟାମାଳ ସହର ପରିକ୍ରମା କରିଥିଲା। ଏଥିସହ ସିଲେଟପଡ଼ା, କୋଡ଼ିବାହାଲ, କୁରୁକୁପା, ନୂଆଁପାଲି ଆଦି ସ୍ଥାନରେ ପଣାସଂକ୍ରାନ୍ତି ପାଳିତ ହୋଇଯାଇଛି।

**ଡୁଙ୍ଗୁରିପାଲି:** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଗ୍ରାମର ସଂଗଠନ ପକ୍ଷରୁ ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତି, ବୀର ହନୁମାନଙ୍କ ଜନ୍ମୋତ୍ସବ, ପଣା ସଂକ୍ରାନ୍ତି ତଥା ଓଡିଆ ନବବର୍ଷ ଆରମ୍ଭ ହେବା ଅବସରରେ ହନୁମାନ ଜୟନ୍ତୀ ବଡ଼ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଲରିଆବାହାଲ ଗ୍ରାମରେ ଶତାଧିକ ମହିଳା ପୁରୁଷ ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ହନୁମାନ ଚାଳିଶା ପଠନ କରିଥିଲେ।

**ମନମୁଣ୍ଡା:** ମନମୁଣ୍ଡା ଓ ଆଖପାଖ ଅଞ୍ଚଳରେ ହନୁମାନ ଜୟନ୍ତୀ ହର୍ଷ ଉଲ୍ଲାସ ଓ ଶାନ୍ତି ଶୃଙ୍ଖଳା ସହ ପାଳନ କରାଯାଇଛି। ହନୁମାନ ଭକ୍ତ ଶାନ୍ତନୁ କୁମାର ଥାଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁନ୍ଦୁଲିଆରେ ସରପଞ୍ଚ ଧବଳେଶ୍ୱର ସିଂ, ବରଗୋଛା ପଞ୍ଚାୟତରେ ସରପଞ୍ଚ ଲକି କର୍ମୀ, ସୁଣ୍ଡିପଦର ପଞ୍ଚାୟତରେ ସମିତି ସଭ୍ୟା ଶିଳାବତି ବସ୍ତିଆ, ବିଲାସପୁର ପଞ୍ଚାୟତରେ ସରପଞ୍ଚ ଅମ୍ବିକା ସୁନା, ଗୁଡ଼ଭେଲିପଦର ପଞ୍ଚାୟତରେ ରବିନାରାୟଣ



ପଣ୍ଡା, ଶଗଡ଼ା ପଞ୍ଚାୟତରେ ସରପଞ୍ଚ ସନ୍ଧ୍ୟାରାନି ମହାକୁଡଙ୍କ ନେତୃତ୍ୱରେ ପ୍ରଭୁ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଉପସ୍ଥିତ ଭକ୍ତମାନେ ସାମୂହିକ ହନୁମାନ ଚାଳିଶା ପଠନ କରିଥିଲେ ଏବଂ ଭଜନ କୀର୍ତ୍ତନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା। ମହା ବିଷୁବ ସଂକ୍ରାନ୍ତି ଅବସରରେ ସମସ୍ତଙ୍କୁ ପଣା ପ୍ରସାଦ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶତାଧିକ ବାଇକରେ ପ୍ରଭୁ ହନୁମାନଙ୍କ ଧ୍ୱଜା ଧାରଣ କରି ଉଛବାହାଲି, ଗୁରୁବୁଢ଼ାପାବଳି, ତାଳପଡ଼ା, ଧୁଙ୍ଗିଆପଦର ଦେଇ ସମସ୍ତ ପଞ୍ଚାୟତ ପରିଭ୍ରମଣ ପୂର୍ବକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

**ଶଗଡ଼ା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଶ୍ରୀରାମ ମଣ୍ଡପରେ ଗୀତା ଯଜ୍ଞ ସହ ୧୦୮ ହନୁମାନ ଚାଳିଶା ପଠନ ଓ ଘଣ୍ଟାପଡ଼ାସ୍ଥିତ ଶିବ ମନ୍ଦିରରେ ପଣା ସଂକ୍ରାନ୍ତି ସହ ଓଡ଼ିଆ ନବ ବର୍ଷ ପାଳିତ ହୋଇଯାଇଛି। ସେହିପରି ଆମ୍ବଗାଁରେ ଭଗତ ସିଂ ପ୍ରଭାତ ଶାଖା ଓ ବଜରଙ୍ଗ ଦଳ ତରଫରୁ ଏକ ବାଇକ ରାଲି ଅଞ୍ଚଳର ପ୍ରତ୍ୟେକ ହନୁମାନ ମନ୍ଦିରକୁ ଯାଇ ସଦଭାବନାର ବାର୍ତ୍ତା ପହଞ୍ଚାଇଥିଲା। ସେହିପରି ଖୁଣ୍ଟିଗୋରା ପଞ୍ଚାୟତର ମସିଣାଗୋରା ହନୁମାନ ମଣ୍ଡପରେ ଗୀତା ଯଜ୍ଞ ଓ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଉକ୍ତ ସ୍ଥାନ ପରି ସିଲେଟପଡ଼ା, କୋଡ଼ିବାହାଲ, କୁରୁକୁପା, ନୂଆଁପାଲି ଆଦି ସ୍ଥାନରେ ପଣା ସଂକ୍ରାନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି।

**ସୋନପୁର:** ପବିତ୍ର ମହା ବିଷୁବ ସଂକ୍ରାନ୍ତି ଅବସରରେ ଅଷ୍ଟ ହନୁମାନଙ୍କ ସହର ସୋନପୁରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଚାରିଆଡେ ଭଜନ କୀର୍ତ୍ତନ ସହ ହନୁମାନଙ୍କ ଜୟ ଧ୍ୱନିରେ ଗୁଞ୍ଜୁରିଛି। ଏହି ଅବସରରେ ମନ୍ଦିରମାଳିନୀ ସହରର ସମସ୍ତ ଦେବା ଦେବୀ ମନ୍ଦିରରେ ସ୍ୱତନ୍ତ୍ର ପୂଜା ସହ ପଣା ଭୋଗ ଅର୍ପଣ କରାଯାଇଥିଲା। ପୂର୍ବାହ୍ନରେ ସୂତାକଳ ସମ୍ମୁଖ ବାଲାଜୀ ମନ୍ଦିର ଠାରୁ ବଜରଙ୍ଗ ଦଳର କର୍ମୀ ତଥା ଅନ୍ୟାନ୍ୟ ସହରବାସୀ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସମସ୍ତଙ୍କ ହାତରେ ବୀର ହନୁମାନଙ୍କ ଫଟୋ ଥିବା କେଶରୀ ରଙ୍ଗର ବାନା ଶୋଭା ପାଇବା ସହ ପ୍ରଭୁ ରାମ ଏବଂ ହନୁମାନଙ୍କ ଭଜନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

**ତରଭା:** ତରଭା ହନୁମାନଙ୍କ ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ହନୁମାନ ମନ୍ଦିରରେ ପୂଜା ର୍ଚ୍ଚନା ପରେ ରାମ ନାରାୟଣ ବେଜଙ୍କ ନେତୃତ୍ୱରେ ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କୁ ସୁସଜ୍ଜିତ ରଥରେ ବସାଇ ସହର ପରିକ୍ରମା କରାଯାଇଥିଲା। ଏଥିରେ ଶତାଧିକ ଭକ୍ତ ସାମିଲ ହୋଇଥିଲେ। ନୂଆଁପଡ଼ା ଛକ, ରଥଛକ ମେହେର ପଡ଼ା, ମାରୱାଡି ପଡ଼ା, ମେନ ରୋଡ ଦେଇ ଦୁର୍ଗାମଣ୍ଡପ ପର୍ଯ୍ୟନ୍ତ ଯାଇ ନୂଆପଡ଼ା ରାସ୍ତାଦେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଶୋଭାଯାତ୍ରା ସମୟରେ ମାନସ, ସାହୁ, କୁନା ପାଣ୍ଡେ, ପ୍ରବୀର ସାହୁ ଗିରିଶ ମହନ୍ତ, ବିଷ୍ଣୁ ବେଜ, ମନୋଜ ନାଏକ, ନିଖିଳ, ମହେନ୍ଦ୍ର ରାକେଶ, ପ୍ରମୁଖ ନେତୃତ୍ୱ ନେଇଥିଲେ।

**ବୀରମହାରାଜପୁର:** ହନୁମାନ ଜୟନ୍ତୀ ପାଳନ ଅବସରରେ ସ୍ଥାନୀୟ ବଜରଙ୍ଗ ଦଳ ତରଫରୁ ବିରାଟ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗ ଦଳ ସଂଯୋଜକ ପ୍ରକାଶ ପଧାନଙ୍କ ନେତୃତ୍ୱରେ ପଥରଘାଟ ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିସାରିବା ପରେ, ଶୋଭାଯାତ୍ରା ଆରମ୍ଭ ହୋଇ ହିଲୁଙ୍ଗ ଛକ, ଉପଜିଲ୍ଲାପାଳ ଅଫିସ ଛକ, ଚମ୍ପେଶ୍ୱର ମନ୍ଦିର, ଦୁର୍ଗା ମନ୍ଦିର ତ୍ରିବେଣୀ ଛକ, ବାଗବରଠାରୁ ବୀରମହାରାଜପୁର ମୁଖ୍ୟ ଛକଦେଇ ଯାଇଥିଲା। ସେଠାରୁ ହନୁମାନ ଛକ ଦେଇ ଲୁମୁରଜେନା ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇ ପ୍ରସାଦ ସେବନ କରିଥିଲେ। ଉକ୍ତ ଶୋଭାଯାତ୍ରାରେ ପ୍ରକାଶ ପଧାନ, ଶୁଭମ ପ୍ରିତମ ହୋତା, ଅବନୀଶ ହୋତା, ସିତୁ ଥନାପତି, ମାନସ ପଧାନ, ଆକାଶ ଥନାପତି, ମନୋଜ କୁମାର ହୋତା, ଅଂଶୁମାନ ପଣ୍ଡା, ଅରମାନ ବାଘ, ଚିନୁ ପଣ୍ଡା, ରାଧେଶ୍ୟାମ ପରିଡ଼ାଙ୍କ ସମେତ ଶତାଧିକ ବଜରଙ୍ଗ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ମୁହାଁମୁହିଁ ପରିସ୍ଥିତି

**ସୋନପୁର, ୧୪।୪(ସମିସ):** ସୁବର୍ଣ୍ଣପୁର ସହରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ସାମାନ୍ୟ ବଚସାକୁ ନେଇ ଗଣ୍ଡଗୋଳ ଘଟିଛି। ବଜରଙ୍ଗ ଦଳ ଓ ଭୀମ ଆର୍ମି କର୍ମକର୍ତ୍ତାଙ୍କ ମଧ୍ୟରେ ମୁହାଁମୁହିଁ



ପରିସ୍ଥିତି ଦେଖା ଦେଇଥିଲା। ସହରର ଆମ୍ବେଦକର ଛକଠାରେ ଉଭୟ ଗୋଷ୍ଠୀ ମଧ୍ୟରେ ନାରାବାଜିକୁ ନେଇ ଗଣ୍ଡଗୋଳ ଉପୁଜିଥିଲା। ତେବେ ଉଭୟ ପକ୍ଷରୁ ରୟାଲ ଫିଲ୍ଡ ନିକଟରୁ ଶୋଭାଯାତ୍ରା ବାହାରିଥିଲା। ସୁବର୍ଣ୍ଣପୁର ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀ ଅବସରରେ ରୟାଲ ପଡ଼ିଆ ସ୍ଥିତ ବାଲାଜୀ ମନ୍ଦିରରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ସେପଟେ ଆମ୍ବେଦକର ଜୟନ୍ତୀ ଅବସରରେ ଭୀମ ଆର୍ମି ପକ୍ଷରୁ ଏକ ଶୋଭାଯାତ୍ରା ବାହାରିଥିବାବେଳେ ଆମ୍ବେଦକର ଛକରେ ଉଭୟ ଗୋଷ୍ଠୀ ମଧ୍ୟରେ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଉଭୟ ଦଳକୁ ଭିନ୍ନ ଭିନ୍ନ ସମୟ ଦିଆଯାଇଥିଲେ ମଧ୍ୟ କିଭଳି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଶୋଭାଯାତ୍ରା ବାହାରିବାର ଖୁବ୍ ପୂର୍ବରୁ ଆମ୍ବେଦକର ଛକରେ ପୁଲିସ୍ କର୍ମଚାରୀ ମାନେ ମଧ୍ୟ ସଜାଗ ଥିଲେ। ଏହା ସତ୍ତ୍ୱେ ହାତାହାତି ପର୍ଯ୍ୟନ୍ତ କଥାଯାଇ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଛୋଟ କଥାକୁ ନେଇ ବଡ ଘଟଣା ଘଟିବା ପୂର୍ବରୁ ପୁଲିସ୍ ସତର୍କତାମୂଳକ ପଦକ୍ଷେପ ନେଇ ଉଭୟ ଗୋଷ୍ଠୀଙ୍କୁ ଭିନ୍ନ ରୁଟ୍ ଦେବାର ଆବଶ୍ୟକତା ଥିଲା ବୋଲି ବୁଦ୍ଧିଜୀବୀ ମାନେ କହିଛନ୍ତି। ତେବେ ସଠିକ ସମୟରେ ପୁଲିସ୍ ପ୍ଲାଟୁନ ପହଞ୍ଚି ସ୍ଥିତି ନିୟନ୍ତ୍ରଣାଧିନ କରିବା ସହ ଉଭୟ ଗୋଷ୍ଠୀ ମଧ୍ୟରେ ଆପୋଷ ସମାଧାନ ହୋଇଯାଇଛି ବୋଲି ଆଇଆଇସି ଲୋକନାଥ ସାହୁ କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଫଳ ଦୋକାନ କ୍ଷତିଗ୍ରସ୍ତ

**ବାଉଁଶୁଣି, ୧୪।୪(ସମିସ):** ବୌଦ୍ଧ ବ୍ଲକ ତାଳସରଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାହାଜପାଲଠାରେ ମୁନି ମେହେରଙ୍କ ଠେଲା ଫଳ ଦୋକାନକୁ ଏକ ଅଜଣା ଗାଡ଼ି ଧକ୍କାରେ ଦେବାରୁ ଠେଲା ଭାଙ୍ଗି ଚୁରମାର ହୋଇ ଯାଇଥିବା ବେଳେ ଫଳ ଦୋକାନୀ ସମ୍ଭାବ୍ୟ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

**ଅଳ୍ପକେ ବର୍ତ୍ତିଲେ ଦୋକାନୀ**

ସୂଚନା ମୁତାବକ ପ୍ରାୟ ୧୨ ବର୍ଷରୁ ଉର୍ଦ୍ଧ୍ୱ ହେବ ମୁନି ମେହେର ଏକ ଠେଲାରେ ସାହାଜପାଲ ବାଜା ଛକରେ ଫଳ ବ୍ୟବସାୟ କରୁଥିଲେ। ସବୁଦିନ ପରି ରବିବାର ୬.୩୦ ମିରେ ଘରୁ ଠେଲାରେ ବିଭିନ୍ନ ପ୍ରକାରର ଫଳ ଭର୍ତ୍ତି କରି ବଜାର ଛକ ପାଖରେ ଠେଲା ରଖି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ବେଳେ ଏକ ଅଜଣା ଗାଡି ଠେଲାକୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ଠେଲାଟି ଭାଙ୍ଗି ଫଳ ସବୁ ରାସ୍ତାରେ ପଡ଼ି ନଷ୍ଟ ହୋଇ ଯାଇଥିବା ବେଳେ ଫଳ ଦୋକାନୀ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ପ୍ରାୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ହୋଇଥିବା ସୂଚନା ମିଳିଛି।



## ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଅଷ୍ଟପ୍ରହରୀ ନାମଯଜ୍ଞ

**ତରଭା, ୧୪।୪(ସମିସ):** ତରଭା ପଦରପଡ଼ା ଗଡ଼ଗଡ଼ିଆ ଛକ ତଥା ହନୁମାନ ମନ୍ଦିର ସମ୍ମୁଖରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଅଧିବାସ ପାଇଁ ଶତାଧିକ ମହିଳାଙ୍କ ଦ୍ୱାରାକଳସ ଶୋଭାଯାତ୍ରା କରାଯାଇଥିଲା। ରବିବାର ସକାଳୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ଭାବେ ସୂର୍ଯ୍ୟନାରାୟଣ ସାହୁ ଓ ତାଙ୍କ ସହ ଧର୍ମିଣୀ ବିଜୟ ଲକ୍ଷ୍ମୀ ସାହୁ ଦାୟିତ୍ୱ ନିର୍ବାହ କରିଥିବାବେଳେ ପୂଜକ ଭାବେ ପ୍ରମୋଦ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ନାମଯଜ୍ଞରେ ପଦରପଡ଼ା, ବନ୍ଧପଡ଼ା, ହନୁମାନ ମନ୍ଦିର ଛକ ଅଞ୍ଚଳର ଶ୍ରଦ୍ଧାଳୁମାନେ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ମାରାଡୁଗୁଛା ପଞ୍ଚାୟତର ଖଇରଟିକ୍ରିରାଠାରେ ଥିବା ହନୁମାନ ମନ୍ଦିରରେ ଜୟନ୍ତୀ ଉପଲକ୍ଷେ ଅଷ୍ଟ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ପୂଜକଭାବେ କିଶୋର ମିଶ୍ର ପୂଜାକାର୍ଯ୍ୟ ନିର୍ବାହ କରୁଥିବା ବେଳେ କର୍ତ୍ତାଭାବେ ସଞ୍ଜୀବ ପଟ୍ଟନାୟକ ଓ ତାଙ୍କର ସହ ଧର୍ମିଣୀ ଦାୟିତ୍ୱ ନିର୍ବାହ କରିଥିଲେ। ନବୀନ ଦାସ, ଆନନ୍ଦ ମେହେର, ଭଗବାନ ସାଣ୍ଡ, ସନ୍ତୋଷ ଡାଗଙ୍କ ସହ ରୁଗୁଡିପାଲି, ମାରାଡୁଗୁଛା ଓ ଖଇରଟିକିରା ଗ୍ରାମବାସୀ ସହଯୋଗ କରିଥିଲେ। କମସରା ରାଣୀଝୁଲା ପାଦ ଦେଶରେ ସଙ୍କଟ ମୋଚନ ବୀର ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂଜକ ଭାବେ ପ୍ରଫୁଲ୍ଲ ପୁଜାହାରୀ, ନିରଞ୍ଜନ ପୁଜାହାରୀ ପୂଜା ତୁଲାଇ ଥିଲେ। କର୍ତ୍ତା ଭାବେ ଶିଶିର ପଣ୍ଡା ଓ ତାଙ୍କର ସହଧର୍ମିଣୀ ଦାୟିତ୍ୱ ନିର୍ବାହ କରିଥିଲେ। ନୂଆଁପାଲି ହନୁମାନ ମନ୍ଦିର ଓ ଚାରଭଟ୍ଟା ହନୁମାନ ମନ୍ଦିରରେ ପଣା ସଂକ୍ରାନ୍ତି ପାଳିତ ହୋଇଛି।

## ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

**ବୀରମହାରାଜପୁର, ୧୪।୪(ସମିସ):** ସ୍ଥାନୀୟ ଆମ୍ବେଦକର ସେବା ସଦନଠାରେ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଛି। ସେବାସଙ୍ଘର ସଭାପତି ଅନାଦି ଜଗଦଲାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପଖଣ୍ଡ ପୁଲିସ ଅଧିକାରୀ ବାସୁଦେବ ଛତ୍ରିଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବରେ ସମାଜସେବୀ ଗୁପ୍ତେଶ୍ୱର ଖୁରା ଆମ୍ବେଦକରଙ୍କ ସ୍ମୃତି ଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବରେ, ଅଭିମନ୍ୟୁ ଲୁହା, ଗୋମତୀବାଳା ଜଗଦଲା, ଯୋଗୀନ୍ଦ୍ର ମିର୍ଧା, ରାଜ କୁମାର ବାଦୀ, ଅବସରପ୍ରାପ୍ତ ଶିକ୍ଷକ ଜଗ ଭୋଇ ଯୋଗଦେଇ ଥିବାବେଳେ ନବୀନ ଭୋଇ ସଭା ସଞ୍ଚାଳନ କରିଥିଲେ। ସେବାସଙ୍ଘର ବରିଷ୍ଠ ସଦସ୍ୟ ଗଦାଧର ବାଦି ଧନ୍ୟବାଦ ଅର୍ପଣ କରିଥିଲେ। କର୍ମୁ କଳତା, ଗୌର ଜଗଦଲା, କୁଳମଣି ବାଦୀ, କିଶୋର ଭୋଇ, ଚଣ୍ଡାଳ କହଁର, ବୈଷ୍ଣବ ଜଗଦଲା ପ୍ରମୁଖ ସହଯୋଗ କରିଥିଲେ।

## ବାଉଁଶୁଣିରେ ମହାବିଷୁବ ସଂକ୍ରାନ୍ତି

**ବାଉଁଶୁଣି, ୧୪।୪(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ବାଉଁଶୁଣିରେ ମହାବିଷୁବ ସଂକ୍ରାନ୍ତି ମହାଆଡ଼ମ୍ବରେ ପାଳିତ ହୋଇଯାଇଛି। ପ୍ରତି ବର୍ଷ ଦଣ୍ଡ ଯାତ୍ରାର ଶେଷ ଦିନ ବାଉଁଶୁଣି ମହାଦେବ ମନ୍ଦିର ଓ ଡିମିରିପାଲି ଅଞ୍ଚଳରେ ପାଳିତ ହେଉଥିବା ମହାବିଷୁବ ସଂକ୍ରାନ୍ତିରେ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଦଣ୍ଡ ଯାତ୍ରାରେ ମହାପ୍ରଭୁଙ୍କ ସହ ବୁଲୁଥିବା ଭକ୍ତ ମାନେ ସମସ୍ତ ଛତି ଛତ୍ର ଧରି ଏକ ନିର୍ଦ୍ଦିଷ୍ଟ ଜାଗାରେ ରୀତିନୀତି ଅନୁସାରେ ସଂକ୍ରାନ୍ତି ପୂଜାର୍ଚ୍ଚନା କରିଥାନ୍ତି। ଏଥିରେ ବହୁ ଦୂର ଦୂରାନ୍ତରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଉପସ୍ଥିତ ରହି ସଂକ୍ରାନ୍ତି ଉପବାସ ସହ ପ୍ରଭୁ କୃପା ଲାଭ କରିଥାନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ପଣା ବଣ୍ଟନ କରାଯାଇଥିଲା।

## ଟ୍ରାକ୍ଟର ସହ ୬୦ ଶାଳଗଣ୍ଡି ଜବତ, ୩ ଗିରଫ



**ଶଗଡ଼ା/ମନମୁଣ୍ଡା, ୧୪।୪(ସମିସ):** ବୌଦ୍ଧ ବନଖଣ୍ଡ କଣ୍ଟାମାଳ ରେଞ୍ଜ ବରପଦର ସେକ୍ସନ ଅଞ୍ଚଳରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଚଢ଼ାଉ ଜାରି ରହିଥିବା ବେଳେ ବିପୁଳ ପରିମାଣର କାଠ ଜବତ କରିଥିବା ସହ ଘଟଣାରେ ଟ୍ରାକ୍ଟର ସହ ସମ୍ପୃକ୍ତ ଥିବା ୩ କାଠ ମାଫିଆକୁ ବନ ବିଭାଗ ଗିରଫ କରିଛି। ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବୁଲି ବେହେରାଙ୍କ ନେତୃତ୍ୱରେ ବନବିଭାଗର ଏକ ଟିମ୍ ପଲସାଗୋରା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଉକ୍ତ ରାସ୍ତାରେ ଏକ ଟ୍ରାକ୍ଟରରେ ତିନି ଜଣ ଚିପ୍ସ ଧରି ଆସୁଥିବା ବେଳେ ବନ କର୍ମଚାରୀମାନେ ତାଙ୍କୁ ସନ୍ଦେହରେ ଅଟକାଇଥିଲେ। ଅଭିନବ ଉପାୟରେ ଟ୍ରାକ୍ଟର ଟ୍ରଲିରେ ଉପରେ ଚିପ୍ସ ରଖି ତଳେ ଶାଳ ଚଡକାଠ ରଖା ଯାଇଥିଲା। ତଦନ୍ତ ପରେ ଚିପ୍ସ ତଳୁ ୬୦ଖଣ୍ଡ ଶାଳ ଚଡକାଠ ଜବତ କରିଥିବା ବେଳେ ଟ୍ରାକ୍ଟର ସହ ସମ୍ପୃକ୍ତ ତିନି ଯୁବକଙ୍କୁ ବନ ବିଭାଗ ଗିରଫ କରିଛି। ଏହି ଚଢ଼ାଉରେ ଫରେଷ୍ଟ ଗାର୍ଡ ସୁନିଲ ପ୍ରଧାନ ଓ ବିଶ୍ୱଜିତ୍ ନାଏକ ପ୍ରମୁଖ ସାମିଲ ଥିଲେ। ଏ ସମ୍ପର୍କରେ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ମହାସମାରୋହ ପାଳିତ



**ସୋନପୁର, ୧୪।୪(ସମିସ):** ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସୁବର୍ଣ୍ଣପୁର ଠାରେ ଭୀମ ରାଓ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୮ ଘଟିକା ସମୟରେ ସହରସ୍ଥିତ ଆମ୍ବେଦକର ଛକରେ ଥିବା ଭାରତ ରତ୍ନ ଡ଼. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଅନ୍ୟା ଦାସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀଯଶ ପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ସହ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆମ୍ବେଦକର ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ କମିଟି କର୍ମକର୍ତ୍ତା ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଆମ୍ବେଦକର ପ୍ରେମୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଅନ୍ୟା ଦାସ ଏବଂ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଉଲୁଣ୍ଡା ଡିଗ୍ରୀ କଲେଜର ଇତିହାସ ବିଭାଗ ଅଧ୍ୟାପକ ବିଶ୍ୱ ନାଗ ଯୋଗଦେଇ ସମାଜ ପ୍ରତି ବାବାସାହେବ ଆମ୍ବେଦକରଙ୍କ ଯୋଗଦାନ ତଥା ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ଚିତ୍ରାଙ୍କନ, ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମାରୋହ ଅବସରରେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବାବା ସାହେବ ଆମ୍ବେଦକର ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ରବୀନ୍ଦ୍ର କୁମ୍ଭାର ଧନ୍ୟବାଦ ପ୍ରଦାନ କରିଥିବା ବେଳେ ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଗ୍ରନ୍ଥାଗାରିକ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ। ଜୟନ୍ତୀ ସଭାରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ।

**ନୂତନ ବସଷ୍ଟାଣ୍ଡ ନିର୍ମାଣ ପ୍ରକ୍ରିୟା ଜାରି**

## ସ୍ଥାନ ଅନୁଧ୍ୟାନ କଲେ ଓବିସିସି ଅଧିକାରୀ

**ସୋନପୁର, ୧୪।୪(ସମିସ)**

ସୁବର୍ଣ୍ଣପୁରବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ବାସ୍ତବ ରୂପ ପାଇବା ପାଇଁ ପ୍ରକ୍ରିୟା ଜାରି ରହିଛି। ପୁରୁଣା ବସଷ୍ଟାଣ୍ଡଠାରେ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ପକ୍ଷରୁ ଏକ



ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ହେବ। ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବାକୁ ଥିବା ସ୍ଥାନର ଅନୁଧ୍ୟାନ ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲି. (ଓବିସିସି)ର ଉଚ୍ଚ ପଦସ୍ଥ ଅଧିକାରୀମାନେ ରବିବାର ସୋନପୁର ଗସ୍ତରେ ଆସିଥିଲେ। ବସଷ୍ଟାଣ୍ଡ ନିର୍ମାଣ ପାଇଁ ଖାଲି କରାଯାଉଥିବା ସ୍ଥାନ ବୁଲି ଦେଖିଥିଲେ। ଜମି ଦେଖିବା ପରେ ଏହି ସ୍ଥାନରେ ନୂତନ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ହୋଇ ପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଓବିସିସି ଏମ୍‌ଡି ଇଂ ଜୟକୃଷ୍ଣ ଦାସଙ୍କ ସହ ଏକ ପାଞ୍ଚଜଣିଆ ଟିମ୍ ଆସିଥିବା ଜଣା ପଡ଼ିଛି। ଓବିସିସି ଉପ ମୁଖ୍ୟ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ବିଭାଗୀୟ ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀ ସ୍ଥାନ ନୀରିକ୍ଷଣ କରିଛନ୍ତି। ଓବିସିସି ଅଧିକାରୀଙ୍କ ଉପସ୍ଥିତିରେ ଜାଗାର ମାପଚୁପ କରଯାଇଛି। ତେବେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲି. (ଓବିସିସି) ପକ୍ଷରୁ ୨୯ କୋଟି ୨୮ ଲକ୍ଷ ୨ ହଜାର ଟଙ୍କାର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଭୁବନେଶ୍ୱର ଓବିସିସି ସିଜିଏମ୍‌ଙ୍କ ପକ୍ଷରୁ ଏହି ଟେଣ୍ଡର ବାହାରିଥିଲା। ଟେଣ୍ଡର ଖୋଲିବା ପରେ ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହେବ। ୧୫ ମାସ ମଧ୍ୟରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି।

ଆମ ବସଷ୍ଟାଣ୍ଡ ଯୋଜନାରେ ବିଭିନ୍ନ ସୁବିଧା ଉପଲବ୍ଧ ଥିବା ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବ। ଏହା ମଧ୍ୟରେ ହୋଟେଲ, ଦୋକାନ ଗୃହ ସହ ବସ୍ ଏବଂ କାର୍ ପାର୍କିଂ ପାଇଁ ସୁବିଧା ରହିବ। ଯାତ୍ରୀ ଏବଂ ବସ୍ କର୍ମଚାରୀ ମାନଙ୍କ ଆଶ୍ରୟ ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା ହେବ। ଏହା ଜଣା ପଡ଼ିବା ପରେ ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଛି।

### ଲୋକଙ୍କ ପ୍ରତିକ୍ରିୟା



ସୋନପୁରରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଓବିସିସିର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ସୋନପୁର ଆସି ନିର୍ମାଣ ସ୍ଥାନ ବୁଲି ଦେଖିଛନ୍ତି। ଏହି ସ୍ଥାନରେ ନୂଆ ବସଷ୍ଟାଣ୍ଡ ନିର୍ମାଣ ହୋଇ ପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି ପ୍ରାଚୀନ ସଂସ୍କୃତିମୟ ସହରରେ ଶୀଘ୍ର ଅତ୍ୟାଧୁନିକ ମଡେଲ ବସଷ୍ଟାଣ୍ଡ ନିର୍ମାଣ ହେଉ।

**ଶେଷଦେବ ମେହେର, ସୋନପୁର ବାସିନ୍ଦା**



ସୋନପୁରରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କାମ ଖୁବ୍ ଶୀଘ୍ର ଆରମ୍ଭ ହେବ। ବସଷ୍ଟାଣ୍ଡ ନିର୍ମାଣ ପାଇଁ ସମସ୍ତ ପ୍ରକ୍ରିୟା ଜାରି ରହିଛି। ପୌର ପରିଷଦ ପକ୍ଷରୁ ସ୍ଥାନ ଖାଲି କରୁଛନ୍ତି। ଓବିସିସି ଅଧିକାରୀ ମାନେ ଏହି ବିସ୍ତୀର୍ଣ୍ଣ ଜାଗା ଦେଖି ଖୁସି ହୋଇଛନ୍ତି।

**ପ୍ରକାଶ ସାହୁ, ପୂର୍ବତନ ପୌରାଧ୍ୟକ୍ଷ**



ସୋନପୁରିଆଙ୍କ ବହୁ ଦିନର ଦାବି ପୂରଣ ହେବାକୁ ଯାଉଛି। ବସଷ୍ଟାଣ୍ଡକୁ ସ୍ଥାନାନ୍ତର ନ କରି ଏହିଠାରେ ହିଁ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେଉଥିବା ଖୁସିର କଥା। ଓବିସିସି ଅଧିକାରୀମାନେ ସ୍ଥାନ ନିରୀକ୍ଷଣ ପରେ ଏହିଠାରେ ହିଁ ବସଷ୍ଟାଣ୍ଡ ନିର୍ମାଣ ହେବ ବୋଲି କହିଛନ୍ତି। ବସଷ୍ଟାଣ୍ଡ ନିର୍ମାଣ ହେଲେ ହଜାର ହଜାର ବ୍ୟବସାୟୀ ଉପକୃତ ହେବେ।

**ଜନ୍ମେଞ୍ଜୟ ପାତ୍ର, ସ୍ଥାନୀୟ ବାସିନ୍ଦା**

# ଆମ୍ବେଦକର ଜୟନ୍ତୀରେ ମାଲ୍ୟାର୍ପଣ କଲେ ରୋହିତ

**ସମ୍ବଲପୁର, ୧୪।୪(ସମିସ):** ଜିଲ୍ଲା ବିଜେଡି ସଭାପତି ଇଂ.ରୋହିତ ପୂଜାରୀ ଆଜି ଭାରତ ରତ୍ନ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ମୁଦିପଡ଼ା ଆମ୍ବେଦକର ଛକସ୍ଥିତ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାସହ ବିଧାୟକ ଇଂ ପୂଜାରୀ ଆମ ସମ୍ବିଧାନର ପ୍ରଣେତା ବାବା



ସାହେବଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ଉଚ୍ଚାରଣ କରିଥିଲେ। ଏହି ଅବସରରେ ବିଧାୟକ ପୂଜାରୀଙ୍କ ସହ ସମ୍ବଲପୁର ଜିଲ୍ଲା ବିଜେଡି ଉପସଭାପତି ବସନ୍ତ ମିଶ୍ର, ସାଧାରଣ ସମ୍ପାଦକ ସୁରୁବାବୁ ମେହେର, ସଞ୍ଜୀବ ଷଡ଼ଙ୍ଗୀ, ଭିକ୍ରମାଦିତ୍ୟ ପଣ୍ଡା, ଓଁକାର ନାୟକ, ବିଜୁ ଯୁବ ଜନତା ଦଳର କିଶୋର ପଣ୍ଡା, କାଳିଆ କୁସୁମ, ଯୁବରାଜ ବେହେରା, ଶୁଭକାନ୍ତ ପରିଡ଼ା, କଶ୍ୟପ ସୂପକାର, ବିଜୁ ଛାତ୍ର ଜନତା ଦଳର ଶୁଭ୍ରାଂଶୁ ଶେଖର ପାଢ଼ୀ, ଅନମୋଲ ଦାସଙ୍କ ସମେତ ଆମ୍ବେଦକର ଯୁବକ କ୍ଲବର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପଞ୍ଚମୁଖୀ ହନୁମାନଙ୍କ ଜୟନ୍ତୀ

**ସମ୍ବଲପୁର, ୧୪।୪ (ସମିସ):** ମ୍ୟୁନିସିପାଲିଟି ଛକ ପଞ୍ଚମୁଖୀ ହନୁମାନ ମନ୍ଦିରରେ ଆନନ୍ଦ ଉଲ୍ଲାସ ସହ ହନୁମାନ ଜୟନ୍ତୀ ପାଳିତ ହୋଇଛି। ସକାଳୁ ନିର୍ଦ୍ଧାରିତ ସମୟରେ ମଙ୍ଗଳ ଆଳତି କରାଯାଇଥିଲା। ଯଥା ବିଧି ପୂଜା ପରେ ଶହ ଶହ ହନୁମାନ ଭକ୍ତ ଦର୍ଶନ କରିଥିଲେ। ଦିନତମାମ ମନ୍ଦିରରେ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ଆଳତି କରାଯାଇଥିଲା। ସମାଜସେବୀ ଶତ୍ରୁଘ୍ନ ଲାଲ ସାହା ଓ ସମ୍ବଲପୁର ପୌରପରିଷଦ ପୂର୍ବତନ ଉପ-ନଗରପାଳ ସିର୍ଦ୍ଧାର୍ଥ ସାହା ମନ୍ଦିରରେ ମହାଆଳତି କରିଥିଲେ। ସନ୍ଧ୍ୟାରେ ଆଖପାଖର ଶହଶହ ଭକ୍ତ ଏହି ଭବ୍ୟ ମହାଆଳତି ସମୟରେ ଉପସ୍ଥିତ ଥିଲେ। ଏହି ଅବସରରେ ବାଡ଼ି ଓ ଗଦା ଖେଳ ହୋଇଥିଲା। ଭକ୍ତ ମାନଙ୍କ ପାଇଁ ପଣା ଓ ଭୋଗର ବ୍ୟବସ୍ଥା କରାଯାଇଥିଲା। ସହର ସାରା ଶାନ୍ତିଶୃଙ୍ଖଳାର ସହ ହନୁମାନ ଜୟନ୍ତୀ ଅନୁଷ୍ଠିତ ହୋଇଥିବାରୁ ଜିଲ୍ଲା ପ୍ରଶାସନକୁ ଏହି ଅବସରରେ ସିଦ୍ଧାର୍ଥ ସାହା ଧନ୍ୟବାଦ ଜଣାଇଛନ୍ତି।

## ଜୟ ଶ୍ରୀରାମ, ଜୟ ହନୁମାନ...

# ସାରା ସହରରେ ଆଧ୍ୟାତ୍ମିକ ପରିବେଶ

**ସମ୍ବଲପୁର, ୧୪।୪(ସମିସ)**

ଭବ୍ୟ ଦିବ୍ୟ ଭାବେ ସହରର ୪୦ରୁ ଊର୍ଦ୍ଧ୍ୱ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ଗଳିକନ୍ଦି





ସବୁଆଡ଼େ ଜୟ ଶ୍ରୀରାମ ଓ ଜୟ ହନୁମାନ ନାରା ଶୁଭାଯାଉଥିଲା। ସହରରେ ଥିବା ହନୁମାନ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ଦହି, ବେଲ, ତରଭୁଜ, ଗୁଡ଼ ଭଳି ବିଭିନ୍ନ ସମାଗ୍ରୀ ମିଶା ପଣା ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ସହରସାରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବଜରଙ୍ଗୀମାନେ କେତେକ ମନ୍ଦିର ପ୍ରାଙ୍ଗଣରେ ଆଖଡ଼ା ପ୍ରଦର୍ଶନ କରିଥିଲେ। ସେହିପରି ବୁଢ଼ାହିଲ ହନୁମାନ ମନ୍ଦିରରେ ସନ୍ଧ୍ୟାରେ ମହାଆଳତି ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର, ଜିଲ୍ଲା ସଭାପତି ଗିରିଶ ପଟେଲ, ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ସୁଧିର ରଞ୍ଜନ ବହିଦାର ପ୍ରମୁଖ ସମିତିର ସଦସ୍ୟ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ଭାବେ ହନୁମାନ ଜୟନ୍ତୀ ସମ୍ପନ୍ନ ହୋଇଛି।



## ଭକ୍ତଙ୍କ ସମାଗମ, ପଣା ଓ ପ୍ରସାଦ ବଣ୍ଟନ

ମନ୍ଦିରଗୁଡ଼ିକୁ ସୁନ୍ଦର ଭାବେ ସଜା ଯାଇଥିଲା। ବିଭିନ୍ନ ଛକରେ ପତାକା, ମାଳ ଲଗାଯାଇଛି। ରାସ୍ତାରେ ଲାଗିଥିବା ପତାକା ସହରକୁ ରଙ୍ଗିନ କରିଦେଇଛି। ଶୋଭାଯାତ୍ରା ଉପରେ କଟକଣା ରହିଥିଲେ ମଧ୍ୟ ପାରମ୍ପାରିକ ପୂଜା ବିଧି ବହୁତ ଭଲ ହୋଇଥିଲା। ସବୁ ପ୍ରଶାସନ ପକ୍ଷରୁ ଶୋଭାଯାତ୍ରା ଉପରେ କଟକଣା କରାଯାଇଥିଲା। ନିଜ ନିଜ ପଡ଼ାରେ ହନୁମାନ ଜୟନ୍ତୀ ପାଳନ କରିଥିଲେ। ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ବଲପୁର ସହରରେ ଶନିବାର ଠାରୁ ୨୫ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଓ ଡିଏସପିଙ୍କୁ ମନିଟର୍ କରିବା ଦାୟିତ୍ୱରେ ରହିଥିଲେ। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ଟାଉନ୍ ଥାନା ଓ ଧନୁପାଲି ଥାନା ଅଞ୍ଚଳରେ ୨ଟି ଡ୍ରୋନ୍‌କୁ ଉଡ଼ାଯାଇଥିଲା। ହନୁମାନ ଜୟନ୍ତୀ ପାଳନ ପାଇଁ ବିଭିନ୍ନ ପଡ଼ାରେ ଶେଷ ହୋଇଛି। ସୂଚନାଯୋଗ୍ୟ, ସମନ୍ୱୟ ସମିତି ପକ୍ଷରୁ ଗତବର୍ଷ ଏପ୍ରିଲ୍ ୧୨ ତାରିଖ ଦିନ ବିଶାଳ ବାଇକ୍ ରାଲି ଚାଲିଥିବାବେଳେ ଅଚାନକ ପଥର ମାଡ଼ ହୋଇଥିଲା। ରାଲିରେ ଥିବା ଶହ ଶହ ବାଇକ୍‌କୁ ମୋତିଝରଣ ଠାରେ ଭାଙ୍ଗି ଦିଆଯାଇଥିଲା। ତା'ପରଠୁ ଯଦିଓ ସମ୍ବଲପୁରରେ ୧୪୪ଧାରା ଲାଗିଲା, କିନ୍ତୁ ସ୍ଥିତି ଧୀରେ ଧୀରେ ଅଶାନ୍ତ ହେବା ଆରମ୍ଭ ହୋଇଥିଲା। କଡ଼ା ସୁରକ୍ଷା ବ୍ୟବସ୍ଥାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଜଳାପୋଡ଼ା ମାରପିଟ୍ ଆରମ୍ଭ ହୋଇଯାଇଥିଲା। ସ୍ଥିତି ଏଭଳି ହୋଇଗଲା ଯେ, ସମ୍ବଲପୁରରେ କର୍ଫ୍ୟୁ ଲାଗୁ ହେଲା। ଇଣ୍ଟରନେଟ୍ ସେବା ବନ୍ଦ କରି ଦିଆଗଲା। ସେହି ଘଟଣା ପରଠୁ ପ୍ରାୟ ସବୁ ଧାର୍ମିକ ଶୋଭାଯାତ୍ରା ଉପରେ ରୋକ ଲଗାଇ ଦିଆଯାଇଥିଲା। ଏବର୍ଷ ମଧ୍ୟ ହନୁମାନ ଜୟନ୍ତୀ ସମୂହ ଶୋଭାଯାତ୍ରାକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା।

# ୪୪ବର୍ଷରେ ପଦାର୍ପଣ କଲା ଦଣ୍ଡକାଳୀ ମନ୍ଦିର ଦଣ୍ଡଯାତ୍ରା

**ହୀରାକୁଦ, ୧୪।୪(ସମିସ):** ନିଜକୁ କଷ୍ଟଦେଇ ମାଁ କାଳୀ ଓ ମହାଦେବଙ୍କୁ ପୂଜା କରିବା ହିଁ ଦଣ୍ଡ। ହୀରାକୁଦ ଦଣ୍ଡ କାଳୀ ମନ୍ଦିରରେ ଦଣ୍ଡ ଯାତ୍ରାକୁ ୪୪ ବର୍ଷ ପୂରିଲା। ଆଜି ବିଷୁବ ସଂକ୍ରାନ୍ତି ଅବସରରେ ଦଣ୍ଡ କାଳୀ ମନ୍ଦିରରେ ମେରୁ ଦଣ୍ଡ ପରେ ଏହି ଯାତ୍ରା ସମାପ୍ତ ହୋଇଛି। ହୀରାକୁଦ ଓ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୧୫୦୦୦ଶ୍ରଦ୍ଧାଳୁ ଏଥିରେ ମାଁ କାଳୀ ଓ ମହାଦେବଙ୍କ ଆଶୀର୍ବାଦ ପାଇବା ପାଇଁ ଯୋଗଦାନ କରିଥିଲେ। ଗତ ୨ ତାରିଖରୁ ଏହା ଆରମ୍ଭ ହୋଇଥିଲା। ହୀରାକୁଦର ବିଭିନ୍ନ ପଡ଼ାରେ ୧୦ ଦିନ ପର୍ଯ୍ୟନ୍ତ ଏବଂ ବୁର୍ଲା, ବନ୍ଧବାହାଲ ଓ ବ୍ରଜରାଜନଗରରେ ଗୋଟିଏ ଦିନ ଲେଖାଏ ଦଣ୍ଡ ଯାତ୍ରା ହୋଇଥିଲା।



ହୀରାକୁଦ ବନ୍ଧ ନିର୍ମାଣବେଳେ ଗଞ୍ଜାମରୁ ବହୁତ ଲୋକ ନିଜର ଶ୍ରମଦାନ କରିଥିଲେ। ତା'ପରେ ଏହି ସହର ରେ ସେମାନେ ରହିଯାଇଥିଲେ। ଏହି ଯାତ୍ରାକୁ ଧର୍ମୁ ସ୍ୱାଇଁ, ଭଗବାନ ସ୍ୱାଇଁ, ହରି ପଣ୍ଡା, ଈଶ୍ୱର ବେହେରା, ଉତ୍ସବ ସ୍ୱାଇଁ, ପଞ୍ଚାନନ ମହାପାତ୍ର, ମନଗଲୁ ସେଠୀ ପ୍ରମୁଖ ଆରମ୍ଭ କରିଥିଲେ। ଏହାପରେ ବର୍ଷକୁ ବର୍ଷ ଏହା ବଢ଼ିବାରେ ଲାଗିଛି, ନୂତନ ପୀଢ଼ି ମଧ୍ୟ ଏଥିରେ ଯୋଗଦାନ କରୁଛନ୍ତି। ପ୍ରଥମ ଦିନ ସମସ୍ତ ଦଣ୍ଡୁଆ ପଇତା ପିନ୍ଧି ମାଁକାଳୀ ଓ ମହାଦେବଙ୍କୁ ଆବାହନ କରିଥାନ୍ତି। ଯେଉଁ ବ୍ୟକ୍ତି ଦଣ୍ଡ କରାଇବା ପାଇଁ ମାନସୀ ଥିବ ସେ ଦଣ୍ଡୁଆମାନଙ୍କୁ ଆମନ୍ତ୍ରଣ କରିବା ପରେ ତାଙ୍କ ଘରକୁ ଯାଇ ବନ୍ଦନା କରିଥାନ୍ତି। ହଳଦିଆ ବସ୍ତ୍ର, ହାତରେ ଝୁଣା, କାନ୍ଧରେ ବାଡ଼ି ଓ ଝଣ୍ଡା ଧରି ତତଲା ଭୂଇଁ ଓ ଖରାକୁ ଖାତିର ନକରି ଖାଲି ପାଦରେ ପରିବାରର ଶୁଭ ମନାସୀ ବାହାରନ୍ତି ଏହି ଦଣ୍ଡୁଆମାନେ। ଢୋଲ, ଘଣ୍ଟ, ମହୁରୀ ବାଦ୍ୟର ତାଳେ ତାଳେ ନାଚି ମାଁ କାଳୀଙ୍କ ପ୍ରଭା ଓ ଖଟୁଲିରେ ମହାଦେବଙ୍କୁ ଧରି ଯାତ୍ରା କରନ୍ତି ଏହି ଦଣ୍ଡୁଆମାନେ। ଦିନଦ୍ୱିପ୍ରହରର ଖରାରେ ଧୂଳି, ଦଣ୍ଡ ଖେଳିଥାଆନ୍ତି ପ୍ରଚଣ୍ଡ ଖରାରେ ଖାଲି ଦେହରେ ତଳେ ଗଡ଼ି ଗଡ଼ି ଧୂଳିଦଣ୍ଡ ଖେଳିଥାନ୍ତି। ତା'ପରେ ନଦୀ ତୋଠାକୁ ଯାଇ ପାଣି ଦଣ୍ଡ କରିଥାନ୍ତି। ଏହା ସରିଲା ପରେ ଅଗ୍ନିଦଣ୍ଡ ଖେଳରେ ସେମାନେ ଝୁଣା ଓ ନିଆଁରେ ଖେଳି ଖେଳି ଫେରିଥାନ୍ତି, ଯେଉଁଠାରେ ବସା କରିଥାନ୍ତି ସେଠାରେ ଆଳତି କରାଯାଏ। ଦଣ୍ଡୁଆମାନେ ଦିନକୁ ଥରେ ଅନ୍ନ ପ୍ରସାଦ ସେବନ କରିଥାନ୍ତି। ଅକଟା, ଅବଟା ଓ ଅଫୁଟା ଖାଦ୍ୟ ଖାଇଥାନ୍ତି। ଖାଦ୍ୟରେ ଗୋଡ଼ି ବାହାରିଲେ, କୌଣସି ଶବ୍ଦ ଶୁଣିଲେ ଖାଇବା ବନ୍ଦ କରିଦିଅନ୍ତି। ରାତିରେ ଅଗ୍ନିଦଣ୍ଡ କରି କର୍ତ୍ତାଙ୍କ ଘରକୁ ଯାଇଥାନ୍ତି। ସେଠାରେ କାଳିକା ନୃତ୍ୟ ସରିଲା ପରେ ବିଭିନ୍ନ ପୌରାଣିକ କାହାଣୀକୁ ନେଇ ନୃତ୍ୟ ପରିବେଷଣ କରାଯାଏ। ରାତିରେ ପାଣି ପିଇବା ପରେ ଆସନ୍ତା ଦିନ ପାଣିଦଣ୍ଡ ପର୍ଯ୍ୟନ୍ତ ପାଣି ପିଅନ୍ତି ନାହିଁ। ମେରୁଦଣ୍ଡ ଦିନ ଯଜ୍ଞ ବେଦୀରେ କୁଣ୍ଡ ଉପରେ ମୁଖ୍ୟ ଦଣ୍ଡୁଆଙ୍କୁ ଗୋଡ଼ ବାନ୍ଧି ଝୁଲାନ୍ତି। ଏବର୍ଷ ପାଟଦଣ୍ଡୁଆ ଭାବେ ସୁଶାନ୍ତ ସ୍ୱାଇଁ, କାଳିସି ଭାବେ କୃଷ୍ଣଚନ୍ଦ୍ର ଡାକୁଆ, ସଭାପତି ବିପ୍ର ମହାରଣା, ଉପସଭାପତି ସନ୍ୟାସୀ ସ୍ୱାଇଁ, ସମ୍ପାଦକ ଦେବେନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଆନନ୍ଦ ମହାନ୍ତି, ସଂଯୋଜକ ଭାବେ ବାବୁ ପଲାଇ ମନୋନୀତ ହୋଇଥିଲେ।

# ଧର୍ମେନ୍ଦ୍ର ପ୍ରଧାନଙ୍କ ହୀରାକୁଦ ଗସ୍ତ

**ହୀରାକୁଦ, ୧୪।୪(ସମିସ):** ଆଜି ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ କେନ୍ଦ୍ରମନ୍ତ୍ରୀ ତଥା ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ହୀରାକୁଦ ଗସ୍ତ କରିଥିଲେ। ମୁଖ୍ୟ ଛକରୁ ଦଳର କର୍ମକର୍ତ୍ତାମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ସେ କର୍ମକର୍ତ୍ତାଙ୍କ ସହ ଦଣ୍ଡ କାଳୀ ମନ୍ଦିରକୁ ଯାଇ ମାଁ କାଳୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସେଠାରେ ବିଜେପି ମଣ୍ଡଳ ତରଫରୁ ଖୋଲାଯାଇଥିବା ଜଳଛତ୍ରରେ ସମୟ ବିତାଇଥିଲେ। ତା'ପରେ ଚକ୍ରବର୍ତ୍ତୀ ପଡ଼ାରେ ହେଉଥିବା ନମାଯଜ୍ଞରେ ଅଂଶଗ୍ରହଣ କରିଥିଲେ।



ସର୍ବପୁରାତନ ନୀଳକଣ୍ଠେଶ୍ୱର ମନ୍ଦିରକୁ ଯାଇ ଦର୍ଶନ କରି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସହରରେ ଥିବା ପ୍ରମୁଖ ହନୁମାନ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ତାଙ୍କ ସହ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟାଇ ଉପସ୍ଥିତ ଥିଲେ।

# ଗଙ୍ଗାଧର ମଣ୍ଡପରେ ଆମ୍ବେଦକର ଜୟନ୍ତୀ



**ସମ୍ବଲପୁର, ୧୪।୪(ସମିସ):** ସମ୍ବିଧାନ ପ୍ରଣେତା ଡକ୍ଟର ବିଆର ଆମ୍ବେଦକରଙ୍କ ୧୩୩ ତମ ଜୟନ୍ତୀ ଗଙ୍ଗାଧର ମଣ୍ଡପଠାରେ ପାଳିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଓ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ସମ୍ବଲପୁର ଜିଲ୍ଲା ଶାଖା ମିଳିତ ଆନୁକୂଲ୍ୟରେ ପାଳିତ ଜୟନ୍ତୀ ଉତ୍ସବରେ ସଂଘର ସଭାପତି ତରଣୀ ଖଡିଆଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ତଥା ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ନିରଞ୍ଜନ ବିଶି ଏବଂ ମୁଖ୍ୟବକ୍ତା ଭାବରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଅଧ୍ୟକ୍ଷ ନିହାଲ ସିଂ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉଷମାନ ମୁଣ୍ଡା, ରୂପାଞ୍ଜଳି ରଣବିଡ଼ା, ଏମଡି ନୱାବ, ଅନିତା ଓରାମ, ଏସ୍‌ଡିସି ଭାଇସ ଚେୟାରମ୍ୟାନ ରାକ୍ଷୀ ମୁଣ୍ଡା, ରାଜ୍ୟସଭା ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଆଶିଷ ନନ୍ଦ, ଯୁବରାଜ ଭୋଇ, ରାଜୁ ଖଡିଆ, ପ୍ରଦୀପ କୁମ୍ଭାର, ସପନେଶ୍ୱର ପ୍ରଧାନ, ବସନ୍ତ କୋକବାଗ, ସୁବାସ ମିର୍ଦ୍ଧା ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନର ସବୁ ପ୍ରତିନିଧି ମାନେ ବିଆର ଆମ୍ବେଦକରଙ୍କ ଜୀବନୀ ତଥା ନୀତି ଆଦର୍ଶ ନେଇ ସ୍ମୃତିଚାରଣ କରିଥିଲେ। ଏହାସହ ଆଦିବାସୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ମୋମିନା ଖାତୁନ, ଯମୁନା ଶିକା, ମଞ୍ଜୁ କରାଲିଙ୍କ ସହ ୪ ଗୋଟି ନୃତ୍ୟ ଦଳଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦର ଉପାଧ୍ୟକ୍ଷ ଶିବଶଙ୍କର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଜୟନ୍ତୀ ସଭା କାର୍ଯ୍ୟକ୍ରମ ପୂର୍ବରୁ ମୁଦିପଡ଼ାସ୍ଥିତ ବିଆର ଆମ୍ବେଦକର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଅନୁସୂଚିତ ଜାତି/ଜନଜାତି ପକ୍ଷରୁ ଆମ୍ବେଦକର ଜୟନ୍ତୀ

**ସମ୍ବଲପୁର, ୧୪।୪(ସମିସ):** ଅନୁସୂଚିତ ଜାତି/ଜନଜାତି କ୍ରିୟାନୁଷ୍ଠାନ କମିଟି ସମ୍ବଲପୁର ଜିଲ୍ଲା କମିଟି ପକ୍ଷରୁ ଓଡ଼ିଶା ସାଂସ୍କୃତିକସମାଜଭବନଠାରେଆମ୍ବେଦକର ଜୟନ୍ତୀ ପାଳିତ ହୋଇଛି। କମିଟିର ସଭାପତି ସନ୍ଦେଶ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀ ଶଙ୍କର ସୋହେଲା ମୁଖ୍ୟଅତିଥି, କୃଷ୍ଣ ଚନ୍ଦ୍ର କନ୍ହେଧର ସମ୍ମାନିତ ବକ୍ତା ଏବଂ କୁନ୍ଦନ ନାଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ଅତିଥଗଣ ବାବା ସାହେବଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ନିଜ ହକ୍ ତଥା ଅଧିକାରକୁ ହାସଲ କରିବାକୁ ସଂଗଠିତ ହୋଇ ମିଳିତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ବେଦକର ଜୟନ୍ତୀ

**ସମ୍ବଲପୁର, ୧୪।୪(ସମିସ):** ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସମ୍ବିଧାନ ପ୍ରଣେତା ଡ. ବି.ଆର୍ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ ମୁଦିପଡ଼ା ଛକରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟାନ ଅଧିକାରୀଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଉପସ୍ଥିତ ଥିଲେ।



# ଆର୍‌ଏସ୍‌ଏସ୍ ପକ୍ଷରୁ ଆମ୍ବେଦକର ଜୟନ୍ତୀ

**ସମ୍ବଲପୁର, ୧୪।୪(ସମିସ):** ରାଷ୍ଟ୍ରୀୟସ୍ୱୟଂସେବକସଂଘ(ଆର୍‌ଏସ୍‌ଏସ୍) ପକ୍ଷରୁ ସମ୍ବିଧାନ ପ୍ରଣେତା ଡକ୍ଟର ଭୀମରାଓ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଛି। ଏଥିରେ ମହାନଗର ସଂଘ ଚାଳକ ଐତିହାସିକ ଦୀପକ ପଣ୍ଡା ମୁଖ୍ୟବକ୍ତାଭାବେ ଡକ୍ଟର ଆମ୍ବେଦକରଙ୍କ ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଜୀବନରେ ମାନବିକ ମୂଲ୍ୟବୋଧ ଏବଂ ସମାଜରେ ଏକତା ବଜାୟ ରଖିବା ପାଇଁ ଡାକ୍ତର ଆମ୍ବେଦକର ଆମକୁ ପ୍ରେରିତ କରନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ମୁଦିପଡ଼ା ଛକ ସ୍ଥିତ ଡକ୍ଟର ଆମ୍ବେଦକରଙ୍କର ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାନଗର ସଦ୍ଭାବନା ପ୍ରମୁଖ ଅମିତାଭ ପ୍ରଧାନ, ମହାନଗର ସମରସତା ପ୍ରମୁଖ ଗୁରଦୀପ ଗୀଲ୍ ସମେତ ବିଷ୍ଣୁ ପାତ୍ର, ଶଙ୍କର ପଣ୍ଡା, ରାମ କୃଷ୍ଣ ନାୟକ, ପ୍ରଫୁଲ୍ଲ ସାହୁ, ଦେବରାଜ ପଟେଲଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

